୧୬ -୨୨ ଜୁନ୍ ୨୦୨୪

ସକାଳ
THE SAKALA

# ରବିବାର ସିନ୍ଦୁର



# { ସ୍ନାନୋତ୍ସବ }



ଜଗତର ନାଥ ସେ ଶ୍ରୀଜଗନ୍ନାଥ । ସେ ମାନବୀୟ ଠାକୁର । ଅପୂର୍ବ ତାଙ୍କ ଲୀଳା । ନିବିଡ଼ ଭଗବାନ ଓ ଭକ୍ତଙ୍କ ସଂପର୍କ । ସେଥିପାଇଁ କାଳିଆ ଠାକୁର କେତେବେଳେ ରତ୍ନସିଂହାସନରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି, ପୁଣି କେତେବେଳେ ସେ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଓହ୍ଲାଇ ଆସନ୍ତି ରତ୍ନସିଂହାସନରୁ । ବଡ଼ ବିଚିତ୍ର ମହାପ୍ରଭୁଙ୍କ ମାନବୀୟ ଲୀଳା । ଶ୍ରୀମନ୍ଦିର ପରମ୍ପରା ଅନୁସାରେ ବର୍ଷର ବିଭିନ୍ନ ସମୟରେ ଅନୁଷ୍ଠିତ ହୋଇଥାଏ ଅନେକ ପର୍ବପର୍ବାଣି । ଶ୍ରୀଜୀଉଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ଅନ୍ୟତମ । ଏହା ହେଉଛି ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଯାତ୍ରା । ଜ୍ୟେଷ୍ଠ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ । ଏହି ଯାତ୍ରା ହେଉଛି ରଥଯାତ୍ରାର ପ୍ରାରମ୍ଭିକ ଉତ୍ସବ ।

ସ୍ନାନ ପୂର୍ଣ୍ଣିମା ସଂପର୍କରେ 'ପଦ୍ମପୁରାଣ', 'ସ୍କନ୍ଦପୁରାଣ', 'ବାମଦେବସଂହିତା' ଆଦି ପୁରାଣ ଓ ଗ୍ରନ୍ଥରେ ମଧ୍ୟ ଉଲ୍ଲେଖ ରହିଛି । ସୁନାକୂଅରୁ ୧୦୮ ଗରା ଜଳ ନେଇ ଶ୍ରୀବିଗ୍ରହମାନଙ୍କୁ ବିଶେଷ ସ୍ନାନ କରାଯାଇଥାଏ । ସ୍ନାନ ପରେ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ସ୍ନାନୋତ୍ସବରେ ଶ୍ରୀଜୀଉଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ତେଣୁ ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥାଏ । ଶ୍ରୀକ୍ଷେତ୍ର ପୁରୀରେ ସ୍ନାନୋତ୍ସବର ପରମ୍ପରା, ରୀତିନୀତି, ସୁନାକୂଅର ବିଶେଷତ୍ୱ, ଗଜନାନ ବେଶ, ଓଡ଼ିଶାର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନୋତ୍ସବର ପରମ୍ପରା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ସ୍ନାନୋତ୍ସବ**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



## କେମିତି କଟିବ ସପ୍ତାହ



**ମେଷ**

ରବି, ସୋମବାରରେ ଯୋଜନା କରି ସଫଳ ହେବେ । ସନ୍ତାନସନ୍ତତି ଉନ୍ନତି କରିବେ । ମଙ୍ଗଳ, ବୁଧବାରରେ କର୍ମତତ୍ପର ହୋଇ ସମସ୍ତ କାର୍ଯ୍ୟ ସୁଚାରୁରୂପରେ ତୁଲାଇବେ । ଗୁରୁ, ଶୁକ୍ର, ଶନିବାରରେ ସମ୍ପର୍କରେ ସୁଦୃଢ଼ତା ଦେଖାଦେବ । ଦୂରଯାତ୍ରା ଯୋଗ ରହିଛି ।




**ବୃଷ**

ରବି, ସୋମବାରରେ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ । ଛାତ୍ରଛାତ୍ରୀମାନଙ୍କ ମନ ଚଳଚଞ୍ଚଳ ରହିବ । ମଙ୍ଗଳ, ବୁଧବାରରେ ବିଭିନ୍ନ ଉପାୟରେ ଆୟ କରିବେ । ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ମନେ କରିବେ ।




**ମିଥୁନ**

ରବି, ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ଦୂରଯାତ୍ରା କରିପାରନ୍ତି । ମଙ୍ଗଳ,ବୁଧବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି । ଗୁରୁ, ଶୁକ୍ର, ଶନିବାରରେ ଉଚ୍ଚ ସମ୍ମାନ ପାଇବେ । ପଡ଼ୋଶୀଙ୍କ ସହଯୋଗ ମିଳିବ ।



**କର୍କଟ**

ରବି, ସୋମବାରରେ କର୍ମକ୍ଷେତ୍ରରେ ବିଳମ୍ବିତ କାର୍ଯ୍ୟ କରି ଅପଦସ୍ତ ହେବେ । ଅଭାବ ଓ ଅସୁବିଧା ଦେଖାଦେଇପାରେ । ମଙ୍ଗଳ, ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ଶତ୍ରୁହାନି । ବ୍ୟବସାୟିକ ପ୍ରସାର ଘଟିବ ।



**ସିଂହ**

ରବି, ସୋମବାରରେ କର୍ମକ୍ଷେତ୍ରରେ ମାନମର୍ଯ୍ୟାଦା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ କୌଣସି ସୂତ୍ରରୁ ଅର୍ଥପ୍ରାପ୍ତି ଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ବ୍ୟସ୍ତବିବ୍ରତ ଅନୁଭବ କରିବେ । ସ୍ୱପ୍ନ ପୂରଣ ପାଇଁ ଚେଷ୍ଟା କରିବେ ।



**କନ୍ୟା**

ରବି, ସୋମବାରରେ ଧର୍ମାଦି କାର୍ଯ୍ୟରେ ମନଦେବେ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ,ବୁଧବାରରେ ଦୃଢ଼ମନା ହୋଇ କାର୍ଯ୍ୟ କରିବେ । ଗୁରୁ, ଶୁକ୍ର, ଶନିବାରରେ ଆୟବୃଦ୍ଧିର ନୂତନ ପଥ ଉନ୍ମୋଚନ ହେବ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ ।




**ତୁଳା**

ରବି, ସୋମବାରରେ ଆର୍ଥିକ ସମୃଦ୍ଧି ଦେଖାଦେବ । ଉଚ୍ଚ ଆଶା ସଫଳ ହେବ । ମଙ୍ଗଳ, ବୁଧବାରରେ ଅଭାବ ଓ ଅସୁବିଧା ଲାଗି ରହିବ । ଗୁରୁ, ଶୁକ୍ର, ଶନିବାରରେ ଜୀବନସାଥୀଙ୍କଠାରୁ ସୁଖଶାନ୍ତି ଆଶା କରିବେ । ବ୍ୟବସାୟିକ ଉନ୍ନତି ହେବ ।



**ବିଛା**

ରବି, ସୋମବାରରେ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟସ୍ତତା ଭିତରେ ରହିବେ । ମଙ୍ଗଳ,ବୁଧବାରରେ ଅସହଯୋଗର ଶିକାର ହେବେ । ଗୁରୁ, ଶୁକ୍ର, ଶନିବାରରେ ଦୃଢ଼ମନା ହେବେ । ସମୟ ସହ ନିଜକୁ ପରିବର୍ତ୍ତନ କରିବେ ।



**ଧନୁ**

ରବି, ସୋମବାରରେ ଉଚ୍ଚସମ୍ମାନର ଅଧିକାରୀ ହେବେ । ଭାଇଭଉଣୀଙ୍କ ସହଯୋଗ ମିଳିବ । ମଙ୍ଗଳ,ବୁଧବାରରେ ଠକାମିରେ ପଡ଼ିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ । ବ୍ୟବସାୟରେ ଯାତ୍ରା ଯୋଗ ରହିଛି ।



**ମକର**

ରବି,ସୋମବାରରେ ବୃଥାଭ୍ରମଣ କରି ଅସୁସ୍ଥ ମନେ କରିବେ । ସମସ୍ୟାରେ ପଡ଼ିଯାଇ ପାରନ୍ତି । ମଙ୍ଗଳ,ବୁଧବାରରେ କର୍ମକ୍ଷେତ୍ରରେ ସମୟ ଅନୁସାରେ କାର୍ଯ୍ୟ ପୂରଣ କରିବେ । ଗୁରୁ,ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କଠାରୁ ସହଯୋଗ ପାଇ ଆଗକୁ ବଢ଼ିବେ ।



**କୁମ୍ଭ**

ରବି,ସୋମବାରରେ ଶତ୍ରୁର କୂଟଚକ୍ରାନ୍ତର ଶିକାର ହେବେ । କାର୍ଯ୍ୟହାନି ଦେଖାଦେବ । ମଙ୍ଗଳ,ବୁଧବାରରେ ପରିଶ୍ରମର ଫଳପ୍ରାପ୍ତି ହେବ । ଗୁରୁ,ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଉନ୍ନତି କରିବେ । ମାନସମ୍ମାନ ପ୍ରାପ୍ତି ହେବେ ।



**ମୀନ**

ରବି, ସୋମବାରରେ କ୍ରୋଧାନ୍ୱିତ ହୋଇ କାର୍ଯ୍ୟ କରି କଷ୍ଟ ପାଇବେ । ଆର୍ଥିକ ସ୍ୱଚ୍ଛଳତା ଦେଖାଦେବେ । ମଙ୍ଗଳ,ବୁଧବାରରେ ପରିବାରଠାରୁ ସୁଖଶାନ୍ତି ଆଶା କରିବେ । ଗୁରୁ,ଶୁକ୍ର, ଶନିବାରରେ ଋଣଗ୍ରସ୍ତ ହୋଇ ଚିନ୍ତିତ ରହିବେ । ବ୍ୟବସାୟିକ ହାନି ହୋଇପାରେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

# ମହାପ୍ରଭୁଙ୍କ ଆଦ୍ୟ ଯାତ୍ରା
# ସ୍ନାନୋତ୍ସବ





ଡକ୍ଟର ଭାସ୍କର ମିଶ୍ର

ଅତ୍ୟନ୍ତ ପ୍ରାଚୀନ କାଳରୁ ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ କେତେକ ଯାତ୍ରା, ଉପଯାତ୍ରା ତଥା ଉତ୍ସବାଦି ଅନୁଷ୍ଠିତ ହୋଇ ଆସୁଅଛି । 'ସ୍କନ୍ଦପୁରାଣ'ରେ ଉଲ୍ଲେଖ ପ୍ରକାରେ ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମୁଖ୍ୟ ଅଟେ । ଏହି ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ବା ସ୍ନାନମହୋତ୍ସବ ଅନ୍ୟତମ ତଥା ଆଦ୍ୟ ଉତ୍ସବ ରୂପେ ଅଭିହିତ । ବିଭିନ୍ନ ସଂସ୍କୃତ ପୁରାଣ ଗ୍ରନ୍ଥାଦିରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା ସଂପର୍କରେ ବର୍ଣ୍ଣନା କରାଯାଇଅଛି । ତନ୍ମଧ୍ୟରେ 'ଯାତ୍ରା ଭାଗବତ'ରେ କୁହାଯାଇଛି, ଉଦୟା ପୂର୍ଣ୍ଣମୀ (ଜ୍ୟେଷ୍ଠ ପୂର୍ଣ୍ଣମା) ତିଥିରେ ଏହି ଯାତ୍ରା ପାଳିତ ହୁଏ । କାରଣ ଏହି ତିଥି ଉପଯୁକ୍ତ ଯାତ୍ରା ପାଇଁ ପ୍ରଶସ୍ତ । ଏପରିକି ସ୍ନାନ ଯାତ୍ରା ଦିବସ ବା ଜ୍ୟେଷ୍ଠ ପୂର୍ଣ୍ଣିମା ତିଥି ହିଁ ଶ୍ରୀବିଗ୍ରହମାନଙ୍କର ଆର୍ବିଭାବ ବା ଜନ୍ମ ଦିବସ ଅଟେ ।

## ସ୍ନାନୋତ୍ସବର ପ୍ରାଚୀନତା

'ସ୍କନ୍ଦପୁରାଣ' ଅନ୍ତର୍ଗତ ଉତ୍କଳ ଖଣ୍ଡସ୍ଥିତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି ଯେ, ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀମନ୍ଦିର ଅଭ୍ୟନ୍ତରସ୍ଥ ରତ୍ନସିଂହାସନରେ ପ୍ରତିଷ୍ଠିତ ହେବାରେ ଅତ୍ୟନ୍ତ ପ୍ରସନ୍ନ ହୋଇ ମହାରାଜାଙ୍କୁ ସ୍ୱୟଂ ଦର୍ଶନ ଦେଇଥିଲେ । ଭବିଷ୍ୟତରେ ତାଙ୍କର ପୂଜାବିଧି ଓ ଯାତ୍ରା ଉତ୍ସବ ଆଦି ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଉପଦେଶ ପ୍ରଦାନ କରିଥିଲେ । ତନ୍ମଧ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଥମ ଉପଦେଶ ଥିଲା ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିରେ ଦାରୁବ୍ରହ୍ମ ରୂପରେ ସେ ସ୍ୱୟଂ ଅବତୀର୍ଣ୍ଣ ହୋଇଥିବାରୁ ତାହା ତାଙ୍କର ପୁଣ୍ୟ ଜନ୍ମତିଥି ଓ ମହାସ୍ନାନ ବିଧାନରେ ଏହି ଯାତ୍ରା ପାଳନ କରିବ । ଏହି ପ୍ରସିଦ୍ଧ ଆଦ୍ୟ ଯାତ୍ରାର ମାହାତ୍ମ୍ୟ ଓ ସ୍ନାନବିଧିର ପ୍ରାଚୀନତା ସଂପର୍କରେ 'ସ୍କନ୍ଦପୁରାଣ', 'ବ୍ରହ୍ମପୁରାଣ', 'ପଦ୍ମପୁରାଣ', 'ବାମଦେବସଂହିତା', 'ଯାତ୍ରା ଭାଗବତ', 'ନୀଳାଦ୍ରିମହୋଦୟ', 'କପିଳସଂହିତା', 'ପୁରୁଷୋତ୍ତମସଂହିତା' ଇତ୍ୟାଦି ଗ୍ରନ୍ଥରେ ସବିଶେଷ ଉଲ୍ଲେଖ ରହିଅଛି । 'ନୀଳାଦ୍ରି ମହୋଦୟ' ଗ୍ରନ୍ଥର ବର୍ଣ୍ଣନା ପ୍ରକାରେ , ସ୍ୱୟଂ ଦାରୁବ୍ରହ୍ମରୂପୀ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ, ଜ୍ୟେଷ୍ଠ ମାସ ଅମାବାସ୍ୟା ସ୍ୱାୟଂଭୁବ ମନୁ ଏକ ଯଜ୍ଞାରମ୍ଭ କରିଥିଲେ । ମୁଁ ଉକ୍ତ ଯଜ୍ଞ ବେଦୀରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଅବତୀର୍ଣ୍ଣ ହୋଇଥିଲି । ତେଣୁ ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ହେଉଛି ମୋର ଜନ୍ମ ଦିବସ । ହେ ରାଜା ! ଏହି ପୂର୍ଣ୍ଣିମା ଦିନ ତୁମ୍ଭେ ଅତି ଆଦର ସହକାରେ ଭକ୍ତିପୂତ ହୃଦୟରେ ମହୋତ୍ସବ ସହିତ ଯଥାବିଧି ମୋର ମହାସ୍ନାନ କରାଇବ । ସେହିପରି 'ସ୍କନ୍ଦପୁରାଣ' ଉତ୍କଳ ଖଣ୍ଡ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୩୧ ଅଧ୍ୟାୟସ୍ଥିତ ଶ୍ଲୋକ ୨୬ରେ କୁହାଯାଇଛି ଯେ, ଶ୍ରୀମନ୍ଦିରରେ ପ୍ରବେଶ କରି ମଞ୍ଚାସୀନ ଶ୍ରୀପୁରୁଷୋତ୍ତମ ଭଗବାନ, ବଳଭଦ୍ର ଓ ସୁଭଦ୍ରା ଦେବୀଙ୍କୁ ଦର୍ଶନ କଲେ ମାନବ ପାପ କଞ୍ଚୁକରୁ ମୁକ୍ତ ହୁଏ ।



## ସ୍ନାନ ମଣ୍ଡପ

ଜ୍ୟେଷ୍ଠ ମାସ ପୂର୍ଣ୍ଣିମା, ଦେବସ୍ନାନ ପୂର୍ଣ୍ଣିମା ନାମରେ ପ୍ରସିଦ୍ଧ ଲାଭ କରିଛି । ଏହି ପୁଣ୍ୟତିଥିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ସ୍ନାନଯାତ୍ରା ବା ମଞ୍ଚ ସ୍ନାନ ଅନୁଷ୍ଠିତ ହୋଇଥାଏ । ଏ ସମ୍ବନ୍ଧରେ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦେବାଧିଦେବ ଭଗବାନ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ୱତନ୍ତ୍ର ସ୍ନାନ ବିଧି ନିମିତ୍ତ ଚତୁର୍ଦ୍ଦଶୀ ତିଥିରେ ତୃଣ ଓ କାଷ୍ଠ ନିର୍ମିତ ଏକ ସୁଶୋଭିତ ମଞ୍ଚ ନିର୍ମାଣ କରି ତହିଁରେ ଚୂର୍ଣ୍ଣ ଲେପ ପ୍ରଦାନ କରିବେ । ସ୍ୱର୍ଗର ଦେବତାମାନେ ସେଠାରେ ଅବସ୍ଥାନ କରି ଭଗବାନଙ୍କ ସ୍ନାନ ଯାତ୍ରା ଯେପରି ଦର୍ଶନ କରିପାରିବେ, ସେଥି ନିମିତ୍ତି ସେହି ମଞ୍ଚକୁ ଚନ୍ଦ୍ରାତାପ ଶୋଭିତ ମୂଲ୍ୟବାନ ଆବରଣ ବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଯିବ । ମଞ୍ଚକୁ ବିଭିନ୍ନ ତରୁରାଜି, ପୁଷ୍ପ ଇତ୍ୟାଦିରେ ସୁସଜ୍ଜିତ କରାଯିବା ସହିତ ବିବିଧ ମଣି, ମୁକ୍ତା, ମାଲ୍ୟ, ଚାମର, ପତାକା ଓ ତୋରଣ ଦ୍ୱାରା ବିମଣ୍ଡିତ କରିବ । ଚନ୍ଦନ ମିଶ୍ରିତ ସୁଗନ୍ଧ ସୁଶୀତଳ ଜଳ ଦ୍ୱାରା ସଂସିକ୍ତ ଏବଂ ସୁଗନ୍ଧି ଧୂପ ଦ୍ୱାରା ସୁରଭିତ କରାଯିବ । ବିଭିନ୍ନ ଗ୍ରନ୍ଥରୁ ଏହି ଯାତ୍ରାର ନାମ ଜ୍ୟେଷ୍ଠସ୍ନାନ, ଦେବସ୍ନାନ ତଥା ମଞ୍ଚ ସ୍ନାନ ନାମରେ ଅଭିହିତ କରାଯାଇଛି । ବିଶେଷ କରି ଗଙ୍ଗ ବଂଶରାଜାମାନଙ୍କ ରାଜତ୍ୱ କାଳରେ ଶ୍ରୀମନ୍ଦିର ଭିତର ବେଢ଼ାରେ କାଷ୍ଠ, ବାଉଁଶ ଇତ୍ୟାଦି ସାହାଯ୍ୟରେ ସ୍ୱତନ୍ତ୍ର ଭାବେ ଅସ୍ଥାୟୀ ମଞ୍ଚ ନିର୍ମିତ ହୋଇ ଚାନ୍ଦୁଆ, ପତ୍ର, ପୁଷ୍ପ, ଚାମର ଇତ୍ୟାଦି ଦ୍ୱାରା ସୁସଜ୍ଜିତ କରାଯାଉଥିଲା । ସେହି ସ୍ଥାନରେ ବିଗ୍ରହମାନଙ୍କର ସ୍ନାନୋତ୍ସବ ଅନୁଷ୍ଠିତ ହେଉଥିବାରୁ ତାହା 'ମଞ୍ଚ ସ୍ନାନ' ନାମରେ ପ୍ରସିଦ୍ଧି ଲାଭ କରିଥିଲା । ପରବର୍ତ୍ତୀ ସମୟରେ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ବାହାର ବେଢ଼ା ନିର୍ମାଣ ହେବା ପରେ ବର୍ତ୍ତମାନର ଆନନ୍ଦବଜାର ପରିସରସ୍ଥ ପୂର୍ବ ପଟକୁ ପ୍ରସ୍ତର ନିର୍ମିତ ସ୍ଥାୟୀ ସ୍ନାନ ମଣ୍ଡପର ପରିକଳ୍ପନା କରାଯାଇଥିଲା ।

ଜ୍ୟେଷ୍ଠ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ଚତୁର୍ଦ୍ଧା ବିଗ୍ରହଙ୍କୁ ସ୍ନାନ ମଞ୍ଚକୁ ବିଜେ କରାଇବା ପରେ ପୂର୍ବ ରାତ୍ରରୁ ଶ୍ରୀମନ୍ଦିରସ୍ଥ ସ୍ୱତନ୍ତ୍ର କୂପରୁ ମହାପ୍ରଭୁଙ୍କ ସ୍ନାନ ନିମିତ୍ତ ସ୍ୱର୍ଣ୍ଣ କଳସରେ ଜଳ ଉତ୍ତୋଳନ କରାଯାଇ ତହିଁରେ ଚନ୍ଦନ, କର୍ପୂର , କେଶର, ଚୁଆ ଇତ୍ୟାଦି ବିଭିନ୍ନ ସୁଗନ୍ଧି ଦ୍ରବ୍ୟ ମିଶ୍ରଣ ପୂର୍ବକ ପାବମାନୀ ମନ୍ତ୍ର ପାଠ ଦ୍ୱାରା ଅଧିବାସ କରାଯିବ । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଏହି ଜଳ କଳସଗୁଡ଼ିକକୁ ସମୁଦ୍ର ଜ୍ୟେଷ୍ଠା ମନ୍ତ୍ର ତଥା ଷୋଡ଼ଶ ଉପଚାର ବିଧିରେ ପୂଜା କରାଯାଇ ସ୍ନାନ ମଞ୍ଚ ବା ସ୍ନାନ ପୀଠ ଉପରେ ବିରାଜିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଧୀରେ ଧୀରେ ଅତ୍ୟନ୍ତ ସାବଧାନତାର ସହ ସ୍ନାନ କରାଇବ । 'ସ୍କନ୍ଦପୁରାଣ'ର ଉଲ୍ଲେଖ ପ୍ରକାରେ :-

"ଜ୍ୟେଷ୍ଠ ସ୍ନାନଂ ଭଗବତୋ ଯେ ପଶ୍ୟନ୍ତି ମୁଦାନ୍ୱିତାଃ ।
ନ ତେ ଭବାବ୍ଧୌ ମଜ୍ଜନ୍ତି ଯାତ୍ରାସୂ କଣ୍ଠମାନସଃ ।।"
(ସ୍କନ୍ଦପୁରାଣ,କ୍ଷେତ୍ର ମାହାତ୍ମ୍ୟ- ୩୧/୭୨)

ଅର୍ଥାତ୍, ସ୍ନାନ ମହୋତ୍ସବ କାଳରେ ପରମ ଆନନ୍ଦ ଓ ଔତ୍ସୁକ୍ୟପୂର୍ଣ୍ଣ ହୃଦୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜ୍ୟେଷ୍ଠ ସ୍ନାନ ବା ମଞ୍ଚ ସ୍ନାନ ଦର୍ଶନ କଲେ ଜୀବଗଣ କେବେହେଲେ ଭବ ସାଗରରେ ନିମଗ୍ନ ହୁଅନ୍ତି ନାହିଁ ।

ଭୋଗ କରିଥାନ୍ତି । ସ୍ନାନ ମଣ୍ଡପ ଉପରେ ମହାପ୍ରଭୁମାନଙ୍କ ମଙ୍ଗଳ ଆଳତି, ଅବକାଶ, ଅଧରପୋଛା ଇତ୍ୟାଦି ନୀତି ସମାପନ ହେବା ପରେ ସୁନା କୂପରୁ ଆନୀତ ଜଳ, ଯାହାକି ୧୦୮ ଗଡୁରେ ଅଧିବାସିତ ହୋଇ ସେଥିରେ ଘୋରା ଚନ୍ଦନ, କର୍ପୂର, ଚୁଆ, କେଶର ଇତ୍ୟାଦି ସୁଗନ୍ଧି ଦ୍ରବ୍ୟ ଦ୍ୱାରା ମିଶ୍ରିତ ହୋଇରହିଥାଏ । ଦେଉଳକରଣ ସେବକ ଉପସ୍ଥିତ ରହି ଏହି ସବୁ କାର୍ଯ୍ୟର ତଦାରଖ କରିଥାନ୍ତି । ଘଣ୍ଟ, ଛତା ଓ କାହାଳି ବାଜି ତଲୁଛ ଓ ପ୍ରଧାନ ସେବକଙ୍କ 'ହାତ ପଇଠ' ପୂର୍ବକ ପଟୁଆରରେ ଗୋଷ୍ଠୀଗତ ଭାବେ ଶତାଧିକ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ଅତି ପବିତ୍ରତାର ସହ ଜଳଗଡୁମାନଙ୍କୁ ଦୁଇ ହସ୍ତରେ ଧରି ସ୍ନାନ ମଣ୍ଡପ ଉପରକୁ ଯାଇଥାନ୍ତି । ସାଧାରଣତଃ ଚାରି ଥରରେ ସ୍ନାନ ମଣ୍ଡପରେ ଚାରି ପନ୍ତିରେ ରଖିଥାନ୍ତି । ପରମ୍ପରା ଅନୁଯାୟୀ ୧୦୮ ଗଡୁ ଜଳ ମଧ୍ୟରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନ ନିମେନ୍ତ ୩୫ ଗଡୁ,ଶ୍ରୀବଳଭଦ୍ରଙ୍କ ୩୩ ଗଡୁ , ଦେବୀ ସୁଭଦ୍ରାଙ୍କ ୨୨ ଗଡୁ ଓ ଶ୍ରୀସୁଦର୍ଶନଙ୍କ ସ୍ନାନ ନିମିତ୍ତ ୧୮ ଗଡୁ ପୃଥକ ପୃଥକ ଭାବେ ରଖିଥାନ୍ତି । ପୁରାଣରୁ ମିଳୁଥିବା ତଥ୍ୟ ପ୍ରକାରେ ଅତୀତରେ ଏହି ଗଡୁଗୁଡ଼ିକ ସ୍ୱର୍ଣ୍ଣ ନିର୍ମିତ ଥିଲା । ପରବର୍ତ୍ତୀ ସମୟରେ ଏହା ରୌପ୍ୟ ଓ ତାମ୍ର ନିର୍ମିତ ଗଡୁରେ ସ୍ନାନ ବିଧି ସଂପନ୍ନ ହେଉଥିଲା । କିନ୍ତୁ କେତେକ କାରଣବଶତଃ ବିଗତ ପ୍ରାୟ ୪୦ ବର୍ଷ ଧରି ମାଟି ନିର୍ମିତ ନୂତନ ଲାଲ୍ ରଙ୍ଗର ଗଡୁରେ ଏହି କାର୍ଯ୍ୟ ହୋଇଆସୁଛି । ପୁରୀର ପାରମ୍ପରିକ କୁମ୍ଭକାରମାନେ ଏହି ଗଡୁକୁ ନିର୍ମିତ କରୁଥିବା ଜଣାଯାଏ ।


## ୧୦୮ ଗଡୁ ଜଳରେ ଶ୍ରୀଜୀଉଙ୍କ ସ୍ନାନ



ମହାପ୍ରଭୁଙ୍କର ଏହି ପ୍ରାଚୀନ ସ୍ନାନ ମହୋତ୍ସବର ଐତିହାସିକ କାଳ ନିରୂପଣ କରିବାକୁ ଯାଇ ଗବେଷକମାନେ ମତ ପ୍ରଦାନ କରିଛନ୍ତି ଯେ, ଦ୍ୱାଦଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ରରେ ଜ୍ୟେଷ୍ଠ ସ୍ନାନ ବା ମହାଜ୍ୟେଷ୍ଠ ଯୋଗ ସୁପ୍ରସିଦ୍ଧ ଥିଲା । ପ୍ରାଚୀନ ସମୟରୁ ପାରମ୍ପରିକ ପ୍ରଥା ଅନୁଯାୟୀ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନଙ୍କ ମଙ୍ଗଳାର୍ପଣ, ଡୋର ଲାଗି ହୋଇ ବିଜେ କାହାଳି ବାଜିବା ପରେ ଧାଡ଼ି ପହଣ୍ଡିରେ ଠାକୁରମାନଙ୍କୁ ଆନନ୍ଦବଜାର ପରିସରସ୍ଥିତ ପୂର୍ବାଭିମୁଖୀ ସ୍ନାନ ମଣ୍ଡପସ୍ଥିତ ଚକା ଉପରେ ଅଧିଷ୍ଠିତ ପୂର୍ବକ ରୁନ୍ଧା ଯାଇଥାଏ । ଏହି ଆନନ୍ଦଦାୟକ ପହଣ୍ଡି ବିଜେ ସମୟରେ ରାଘବ ଦାସ ମଠ ପ୍ରଦତ୍ତ 'ଟାହିଆ' ସାତ ପାହାଚ ଉପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ ଲାଗି କରାଯାଇଥାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ବର୍ଣ୍ଣିତ ଅଧିକାର ପ୍ରାପ୍ତ ବିଭିନ୍ନ ସଂପ୍ରଦାୟ ମଠାନୁଷ୍ଠାନର ମହନ୍ତ, ଅଧିକାରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷମାନେ ଏହି ସମୟରେ ଚାମର, ଆଲଟ ସେବା ସମେତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପନ୍ତି

## ଗରାବଡୁ ଓ ମେକାପ ସେବକଙ୍କ ଭୂମିକା






ପୂଜାପଣ୍ଡାମାନେ ବୈଦିକ ବିଧିରେ ବିଭିନ୍ନ ମନ୍ତ୍ର ଓ ମୁଦ୍ରାର ପ୍ରୟୋଗରେ ଜଳକୁ ଷୋଡ଼ଶ ଉପଚାରରେ ପୂଜା କରିଥାନ୍ତି। ଏ ସଂପର୍କରେ ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ଆଧ୍ୟାତ୍ମିକ ଗ୍ରନ୍ଥ 'ବାମଦେବସଂହିତା'ରେ ଉଲ୍ଲେଖ ଅଛି ଯେ, ମହାପ୍ରଭୁଙ୍କ ଜଳପୂଜା ସମୁଦ୍ରାଜ୍ୟେଷ୍ଠା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥାଏ। ଚାରି ପନ୍ତିରେ ରଖାଯାଇଥିବା ଜଳ ଗଡୁ ସମସ୍ତ ପୂଜା ହେବା ପରେ ଗରାବଡୁ ସେବକମାନେ ଅଭିମନ୍ତ୍ରିତ ଜଳକୁ ନେଇ ମେକାପ ସେବକ ଧରିଥିବା ରୁପା ପିଙ୍ଗଣରେ ଢାଳିଥାନ୍ତି। ଏହାପରେ ମେକାପ ସେବକ ପାଳିଆ ପୂଜାପଣ୍ଡା ସେବକଙ୍କୁ ଜଳପୂର୍ଣ୍ଣ ପିଙ୍ଗଣକୁ ପ୍ରଦାନ କରିବା ପରେ ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗରେ ପ୍ରତ୍ୟକ୍ଷ ଭାବେ ଏହି ଅଭିମନ୍ତ୍ରିତ ଜଳକୁ ଅତ୍ୟନ୍ତ ପବିତ୍ରତାର ସହ ଲାଗି କରାଯାଇଥାଏ। 'ପଦ୍ମପୁରାଣ'ରେ ଉଲ୍ଲେଖ ପ୍ରକାରେ ଦାରୁବ୍ରହ୍ମରୂପୀ ଭଗବାନ ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କର ବିଶେଷ ପ୍ରତ୍ୟକ୍ଷ ସ୍ନାନ ଲାଗି ଦର୍ଶନ ନିମନ୍ତେ ଆକାଶରେ ଦେବଗଣ ଉପସ୍ଥିତ ହୋଇ ପୁଷ୍ପବୃଷ୍ଟି ସ୍ୱରୂପ ବାରିବିନ୍ଦୁ ବର୍ଷଣ କରନ୍ତି। ସେହିପରି 'ବ୍ରହ୍ମପୁରାଣ'ରେ କୁହାଯାଇଛି ଯେ, ମହାପ୍ରଭୁଙ୍କର ସ୍ନାନକାଳୀନ ଦୃଶ୍ୟ ଅତ୍ୟନ୍ତ ପୁଣ୍ୟଦାୟକ।

ସ୍ନାନ ମଣ୍ଡପରେ ଛେରାପହଁରା ଶ୍ରୀବିଗ୍ରହମାନଙ୍କୁ ୧୦୮ ଗଡୁ ସ୍ନାନ ଜଳ ଲାଗି ପରେ ପୁଷ୍ପାଳକ ସେବକମାନେ ମଇଲମ ପୂର୍ବକ ନୂତନ ବସ୍ତ୍ର, ପୁଷ୍ପାଳଙ୍କାର, ତୁଳସୀ, କର୍ପୂର ଇତ୍ୟାଦିରେ ସୁବେଶ ବଢ଼ାଇଥାନ୍ତି। ସ୍ନାନ ଯାତ୍ରାର ଅନ୍ୟତମ ଆକର୍ଷଣ ହେଲା ସ୍ନାନ ମଣ୍ଡପ ଉପରେ ଗଜପତି ମହାରାଜାଙ୍କ ଛେରାପହଁରା ଓ ରାଜନୀତି ସେବା। ଲକ୍ଷ ଲକ୍ଷ ଭକ୍ତ ଦର୍ଶନାର୍ଥୀ ସ୍ନାନ ମଣ୍ଡପ ତଳେ ଓ ବଡ଼ଦାଣ୍ଡରେ ଦଣ୍ଡାୟମାନ ପୂର୍ବକ ଅବଲୋକନ କରି ଭାବବିହ୍ୱଳ ହୋଇପଡ଼ିଥାନ୍ତି। ଶ୍ରୀମନ୍ଦିରର ଆଦ୍ୟ ସେବକଙ୍କ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କର ଆଦ୍ୟ ଉତ୍ସବରେ ସେବା ସଂପନ୍ନ ଅନନ୍ୟ ଅଟେ।



## ଗଜାନନ ବେଶ

ସ୍ନାନୋତ୍ସବ ଅବସରରେ ଠାକୁରମାନଙ୍କର ଦୁର୍ଲଭ ଗଜାନନ ବେଶ ଅନୁଷ୍ଠିତ ହୋଇଥାଏ। ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ପ୍ରଦତ୍ତ ଗଜାନନ ବେଶ ସାମଗ୍ରୀରେ ମହାପ୍ରଭୁମାନଙ୍କୁ ଏହି ଦିବ୍ୟ ବେଶରେ ମଣ୍ଡିତ କରାଯାଇଥାଏ। ଏହି ବେଶ ଥାଇ ଏ ଦିନ ସକାଳ ଧୂପ ରାଜଭୋଗରେ ବଲ୍ଲଭ, ପର୍ବାଣି ଭୋଗ ସମେତ ବିପୁଳ ପରିମାଣର ଅନ୍ନ, ବ୍ୟଞ୍ଜନାଦି, ସୁମିଷ୍ଟ ପିଷ୍ଟକ ଇତ୍ୟାଦି ସର୍ବସମ୍ମୁଖରେ ମହାପ୍ରଭୁମାନଙ୍କୁ ଷୋଡ଼ଶ ଉପଚାର ବିଧିରେ ନୈବେଦ୍ୟ ହୋଇଥାଏ। ତତ୍ପରେ ସ୍ନାନ ମଣ୍ଡପ ଉପରେ ପାଣି ପଡ଼ି ସଫା କରାଯିବା ପରେ ଭକ୍ତ ତଥା ଦର୍ଶନାର୍ଥୀମାନଙ୍କୁ ମହାପ୍ରଭୁମାନଙ୍କର ଏହି ଆକର୍ଷଣୀୟ ଗଜାନନ ବେଶ ଦର୍ଶନ ନିମିତ୍ତ ସ୍ନାନ ମଣ୍ଡପ ଉପରକୁ ଯିବା ପାଇଁ ଅନୁମତି ଦିଆଯାଇଥାଏ। ଦୀର୍ଘ ସମୟ ଧରି ଏହି ଦର୍ଶନ ବ୍ୟବସ୍ଥା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବନ୍ଦୋବସ୍ତ କରାଯାଇଥାଏ।



## ୮୦୦ ଶହରୁ ଅଧିକ ସେବକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପ୍ରସିଦ୍ଧ ଆଦ୍ୟ ଉତ୍ସବ ଓ ଦେବସ୍ନାନ ନୀତିରେ ପ୍ରାୟ ୯୪ ପ୍ରକାରର ବିଭିନ୍ନ ବର୍ଗର ୮୦୦ ରୁ ଉର୍ଦ୍ଧ୍ୱ ସେବକଙ୍କର ସଂପୃକ୍ତି ରହିଥାଏ। ଏଥି ମଧ୍ୟରେ ଦଇତାପତି, ଗରାବଡୁ, ଘଣ୍ଟୁଆ, ସୂପକାରମାନେ ଗୋଷ୍ଠୀଗତ ଭାବେ ସେମାନଙ୍କର ସେବା ସମ୍ପାଦନ କରୁଥିବା ଜଣାଯାଏ। ଏହି ଦିନ ବିଳମ୍ବିତ ରାତ୍ରରେ ସ୍ନାନ ମଣ୍ଡପରୁ ଗୋଟି ପହଣ୍ଡିରେ ଠାକୁରମାନେ ବିଜେ ହୋଇ ଅଣସର ପିଣ୍ଡିରେ ବିରାଜମାନ କରିଥାନ୍ତି। ଏହି ସମୟରେ ଦର୍ଶନାର୍ଥୀମାନେ ଶ୍ରୀବିଗ୍ରହମାନଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। କେବଳ ଅଣସର ପଟି ସମ୍ମୁଖ ଭାଗରେ ଅଧିଷ୍ଠିତ ହୋଇଥିବା ପଟି ଦିଅଁମାନଙ୍କୁ ଦର୍ଶନ କରିବାର ପରମ୍ପରା ରହିଅଛି। ସାଧାରଣତଃ ଦୈନନ୍ଦିନ ନୀତି ଏହି ପଟି ଦିଅଁମାନଙ୍କ ନିକଟରେ ଅନୁଷ୍ଠିତ ହୋଇଥାଏ।

'ନୀଳାଦ୍ରିମହୋଦୟ' ଗ୍ରନ୍ଥର ଉଲ୍ଲେଖ ପ୍ରକାରେ ଜଗତ୍‌ପତି ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନୋତ୍ସବରେ ତ୍ରିଲୋକରେ ଯେଉଁମାନେ ମହାପ୍ରଭୁମାନଙ୍କୁ ଭକ୍ତି ସହକାରେ ଦର୍ଶନ କରନ୍ତି, ସେମାନେ ଭବସାଗରରୁ ଶୀଘ୍ର ମୁକ୍ତି ପାଆନ୍ତି। ଏପରିକି ସେ ସମୟରେ ସ୍ୱର୍ଗରୁ ଦେବତାମାନେ ମହାପ୍ରଭୁଙ୍କର ଏହି ଦିବ୍ୟ ସ୍ନାନକୁ ଦର୍ଶନ କରି ଅତ୍ୟନ୍ତ ସନ୍ତୋଷ ଲାଭ କରିଥାନ୍ତି।

ମହାପ୍ରଭୁଙ୍କ ଏହି ପବିତ୍ର ସ୍ନାନୋତ୍ସବ ଲୀଳାରେ ମଣ୍ଡପ ସାଜସଜ୍ଜାଠାରୁ ଆରମ୍ଭ କରି ଠାକୁରମାନଙ୍କ ଦିବ୍ୟ ଧାଡ଼ି ପହଣ୍ଡିରେ ମଣ୍ଡପ ଉପରକୁ ବିଜେ, ଗରାବଡୁ ସେବକମାନଙ୍କ ପଟୁଆରରେ ମଣ୍ଡପ ଉପରକୁ ଜଳଗଡୁ ବିଜେ, ଗଜପତିଙ୍କ ଛେରାପହଁରା, ଗଣପତି ଭଟ୍ଟଙ୍କ ସ୍ମୃତିରେ ଗଜାନନ ବେଶ, ବିପୁଳ ପରିମାଣର ଭୋଗ ନୈବେଦ୍ୟ ଇତ୍ୟାଦି ନୀତିରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ସେବକଙ୍କର ସଂପୃକ୍ତି ରହିଥିବା ବେଳେ ତିନି ଶହରୁ ଉର୍ଦ୍ଧ୍ୱ ସୂପକାର ସେବକମାନେ ଦୀର୍ଘ ସମୟ ଧରି ଭୋଗ ଦ୍ରବ୍ୟାଦିକୁ ରୋଷ ଘରୁ ସ୍ନାନ ମଣ୍ଡପକୁ ଛେକରେ ଦୁଇ ହସ୍ତରେ ଧରି ବୋହିବାର ଦୃଶ୍ୟ ଅବର୍ଣ୍ଣନୀୟ। 'ପଦ୍ମପୁରାଣ'ର ବର୍ଣ୍ଣନା ପ୍ରକାରେ, ଯେଉଁ ମନୁଷ୍ୟ ଦାରୁବ୍ରହ୍ମରୂପୀ ଶ୍ରୀବିଗ୍ରମାନଙ୍କର ଏହି ଦିବ୍ୟ ସ୍ୱତନ୍ତ୍ର ମହାସ୍ନାନକୁ ଭକ୍ତି ସହକାରେ ଦର୍ଶନ କରନ୍ତି, ସେ ବିଷ୍ଣୁଙ୍କର ପରମପଦ ଲାଭ କରିଥାନ୍ତି। ■



ମହାନିର୍ଦ୍ଦେଶକ
ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ,
ଭାରତ
ମୋ: ୯୪୩୭୨୮୧୧୦୨

# ଦାରୁବ୍ରହ୍ମଙ୍କ ସ୍ନାନ ମହୋତ୍ସବ







ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ଦିବ୍ୟ ନୀଳାଚଳ ଧାମରେ ଅନାଦି କାଳରୁ ନିତ୍ୟଲୀଳାଲୀନ। ବିଶ୍ୱ ଭ୍ରାତୃତ୍ୱ, ଶାନ୍ତି, ମୈତ୍ରୀ ହିଁ ତାଙ୍କ ଦାରବୀ ଲୀଳାର ଦିବ୍ୟସନ୍ଦେଶ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ଏହି ଦାରବୀ ଲୀଳା ତାଙ୍କର ସ୍ୱୟଂ ଲୀଳା। ପ୍ରଭୁଙ୍କର ଏହି ଲୀଳାରେ ବାର ମାସରେ ତେରଯାତ୍ରା ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିରରେ ବହୁ ଯାତ୍ରା ଓ ପର୍ବପର୍ବାଣି ଅନୁଷ୍ଠିତ ହେଉଥିଲେ ହେଁ ଦ୍ୱାଦଶ ଯାତ୍ରାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥାଏ। ସେହି ଦ୍ୱାଦଶଯାତ୍ରା ହେଉଛି ସ୍ନାନ, ରଥ, ଶୟନ, ଦକ୍ଷିଣାୟନ, ପାର୍ଶ୍ୱପରିବର୍ତ୍ତନ, ଉତ୍‌ଥାପନ, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ, ଦୋଳ, ଦମନକ, ଅକ୍ଷୟ ତୃତୀୟା ଓ ଚନ୍ଦନ। ଶାସ୍ତ୍ରୋକ୍ତି ହେଉଛି :-

**ମଞ୍ଚସ୍ନାନ, ରଥବରଗତିଃ ଶାୟନଂ ଚାୟନ ଦ୍ୱେ,**
**ପାର୍ଶ୍ୱଂବୃତ୍ତିଃ ଶୟନ ନିବୃତ୍ତିଃ ପାବୃତ୍ତୈ ପୁଷ୍ୟପୂଜା।**
**ଦୋଳଯାତ୍ରା ଦମନକ ମହୋଶକ୍ଷ ପୂଜା ତୃତୀୟା,**
**ଚୈବ ଯାତ୍ରା ବିଧି ନିରାବିଶ ଦ୍ୱାଦଶୈତା ନରେନ୍ଦ୍ର।**

ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ନାନ ଓ ରଥ ମହୋତ୍ସବରେ ସ୍ୱୟଂ ବଳୀୟାର ଭୁଜ ରତ୍ନସିଂହାସନରୁ ତଳକୁ ଓହ୍ଲାଇ ଆସି ଅଗଣିତ ପତିତଙ୍କୁ ଦର୍ଶନ ଦେଇ ଆପଣାର ପତିତପାବନ ନାମକୁ ସାର୍ଥକ କରିଥାନ୍ତି। ତାଙ୍କ ଦାରବୀ ଲୀଳାର ମହତ୍ ଉଦ୍ଦେଶ୍ୟ ହେଉଛି 'ସର୍ବେଷାଂ ପାବନଂ ମହତ୍'। ଏହି ଦିବ୍ୟ ଦୃଷ୍ଟିରୁ ଦ୍ୱାଦଶଯାତ୍ରା ମଧ୍ୟରେ ସ୍ନାନୋତ୍ସବ ଓ ରଥୋତ୍ସବର ମହତ୍ତ୍ୱ ଅଧିକ। ଏହି ଦୁଇଟି ମହୋତ୍ସବ ହେଉଛି ଶ୍ରୀଜଗନ୍ନାଥଙ୍କ ସ୍ୱୟଂ ଲୀଳା, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ :-

**ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର।**
**ପତିତପାବନ ଅର୍ଥେ ପ୍ରାସାଦୁ ବାହାର।**

ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ସ୍ନାନୋତ୍ସବ ଅନୁଷ୍ଠିତ ହୁଏ। ଏହି ପବିତ୍ର ତିଥି ହେଉଛି ଶ୍ରୀଜଗନ୍ନାଥଙ୍କ ସ୍ୱନକ୍ଷତ୍ର ତିଥି ବା ଜନ୍ମତିଥି। ତେଣୁ ଏହି ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନସିଂହାସନରୁ ଆଣି ସ୍ନାନମଣ୍ଡପରେ ବିଜେ କରାଯାଏ ତଥା ଜନ୍ମସ୍ନାନ କରାଯାଏ। ପ୍ରଥମେ ଗୋଟିଏ ମଞ୍ଚରେ ଠାକୁରଙ୍କୁ ବିଜେ କରାଯାଇ ଜନ୍ମସ୍ନାନ ଅନୁଷ୍ଠାନ ହେଉଥିବାରୁ ଶାସ୍ତ୍ରରେ ଏହାକୁ "ମଞ୍ଚସ୍ନାନ" କୁହାଯାଇଛି। ପରବର୍ତ୍ତୀ କାଳରେ ସ୍ନାନମଣ୍ଡପ ନିର୍ମାଣ କରାଯାଇ ଏହି ମଣ୍ଡପରେ ଜନ୍ମସ୍ନାନ ଅନୁଷ୍ଠିତ ହେଲା। ଏହି ପୁରୋଦୃଷ୍ଟିରେ ଜ୍ୟଷ୍ଠ ପୂର୍ଣ୍ଣିମା ଦେବସ୍ନାନ ପୂର୍ଣ୍ଣିମା ନାମରେ ଖ୍ୟାତ। ପୁରାଣ ବର୍ଣ୍ଣନାନୁସାରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ପବିତ୍ର ନୀଳାଚଳଧାମରେ ଦାରୁବ୍ରହ୍ମଙ୍କ ଆବିର୍ଭାବ ଘଟିଥିଲା। ଏହି ପବିତ୍ର ତିଥିରେ ଶ୍ରୀଜଗନ୍ନାଥଙ୍କର ଜନ୍ମସ୍ନାନ ଉତ୍ସବ ଅନୁଷ୍ଠିତ ହୁଏ।

**ଜ୍ୟେଷ୍ଠମାସି ସିତପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍,**
**ସ୍ନାପୟେତୀର୍ଥ ତୋୟେନ ସର୍ବ ମଙ୍ଗଳ ସିଦ୍ଧୟେ।**

ବିଶ୍ୱ ମଙ୍ଗଳ କାମନାରେ ଜନ୍ମତିଥି ଜ୍ୟେଷ୍ଠ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କୁ ସ୍ନାନ କରାଯାଇ ମହୋତ୍ସବ ଅନୁଷ୍ଠିତ ହୁଏ। ଏହା ହେଉଛି ଶ୍ରୀଜଗନ୍ନାଥଙ୍କର ବାର୍ଷିକ ମହୋତ୍ସବମାନଙ୍କରେ ଆଦ୍ୟ ବା ଜ୍ୟେଷ୍ଠ ପୂର୍ଣ୍ଣିମାରେ ଜ୍ୟେଷ୍ଠ ମହୋତ୍ସବ ପାଳନ କରାଯାଇ ଦ୍ୱାଦଶ ମହୋତ୍ସବର ଅୟମାରମ୍ଭ ହୁଏ।

ଶ୍ରୀଜଗନ୍ନାଥ ଦାରବୀ ତନୁରେ ଲୀଳା ସଂରଚନାର ମଙ୍ଗଳମୟ ଆଦ୍ୟ ମୁହୂର୍ତ୍ତ ହେଉଛି ଜ୍ୟେଷ୍ଠ ପୂର୍ଣ୍ଣିମା। ଏହି ଜନ୍ମତିଥିରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସୁରମ୍ୟ ସ୍ନାନ ମଞ୍ଚରେ ସୁଶୋଭିତ ଚନ୍ଦ୍ରାତପ ଆଚ୍ଛାଦନ ପୂର୍ବକ ଅଷ୍ଟୋତ୍ତରଶତ ସ୍ୱର୍ଣ୍ଣକଳସ ପୂର୍ଣ୍ଣ ତୀର୍ଥଜଳରେ ଦାରୁବ୍ରହ୍ମଙ୍କର ଜନ୍ମସ୍ନାନ ମହୋତ୍ସବ କରାଇଥିଲେ। ସେହି ପାବନସ୍ମୃତିକୁ ଉଜ୍ଜୀବିତ ରଖି ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନସିଂହାସନରୁ ଓହ୍ଲାଇ ସ୍ନାନ ମଣ୍ଡପରେ ସ୍ନାନ କରିବା ସହିତ ଅଗଣିତ ପତିତଜନଙ୍କୁ ଦର୍ଶନ ଦେଇଥାନ୍ତି। ସ୍ନାନଲୀଳା ହେଉଛି ଭକ୍ତବାଞ୍ଛାକଳ୍ପତରୁ ଦାରୁବ୍ରହ୍ମଙ୍କର ଜନ୍ମଲୀଳା। ସେ ଜଗତର ନାଥ। ସଭିଏଁ ତାଙ୍କର ସନ୍ତାନ, ପରଂବ୍ରହ୍ମ ଆପଣାର ଏହି ଜନ୍ମୋମହୋତ୍ସବରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଆନ୍ତି। ଏହି ମହୋତ୍ସବରେ କେହି ତାଙ୍କ ନିକଟରେ ଦୀନ, ହୀନ, ସାନ ବା ପତିତ ନୁହଁନ୍ତି। ଏହି ଦିବ୍ୟ ସ୍ନାନ ମହୋତ୍ସବରେ ସେ ପାବନୀବତାର ପତିତପାବନ। ତାଙ୍କ ଦିବ୍ୟଦୃଷ୍ଟିରେ ଯିଏ ପତିତ, ସେ ହିଁ ପବିତ୍ର। ତାଙ୍କ ଚକାନୟନରେ ସଭିଏଁ ସମାନ।

ଶ୍ରୀମନ୍ଦିରର ଉତ୍ତର ପଶ୍ଚିମ ଦିଗରେ ଶୀତଳାଙ୍କ ମନ୍ଦିର ସମ୍ମୁଖରେ ସ୍ୱର୍ଣ୍ଣକୂପ ବା ସୁନାକୂଅ ଅବସ୍ଥିତ। ଶ୍ରୀଜଗନ୍ନାଥଙ୍କ ଜନ୍ମ ମହୋତ୍ସବର ମହାସ୍ନାନ ନିମିତ୍ତ ସକଳ ପୁଣ୍ୟତୋୟା ତୀର୍ଥ ସମୂହ ନୀଳାଚଳଧାମସ୍ଥ ପବିତ୍ର ସ୍ୱର୍ଣ୍ଣକୂପରେ ଆବିର୍ଭାବ ହୋଇଥାନ୍ତି। ଏହି ସ୍ୱର୍ଣ୍ଣକୂପରେ ଅଧିଷ୍ଠାତ୍ରୀ ହେଉଛନ୍ତି ଜଗଜ୍ଜନନୀ ଶୀତଳା। ପାତାଳସମ୍ଭୂତା ଦେବୀ ଶୀତଳାଙ୍କର ମସ୍ତକ ହିଁ ଦୃଶ୍ୟମାନ। କଳିଯୁଗ ଶେଷରେ ଦେବୀ ସଂପୂର୍ଣ୍ଣ ଆବିର୍ଭାବ ହେବେ ବୋଲି ଜନଶ୍ରୁତି ରହିଛି। ଦେବୀ ଶୀତଳା ଓ ତଦୀୟ ବାହନ ସିଂହଙ୍କ ମଧ୍ୟରେ ସ୍ୱର୍ଣ୍ଣକୂପ ଅବସ୍ଥିତ। ବୈଦିକ ଯଜ୍ଞୀୟ ପଦ୍ଧତିରେ ଏହା ପ୍ରଣୀତାକୂପ ନାମରେ ସୁବିଖ୍ୟାତ। ଜନ୍ମୋତ୍ସବରେ ଦାରୁବ୍ରହ୍ମ ଏହି ପବିତ୍ର କୂପର ଜଳରେ ହିଁ ସ୍ନାନ କରିଥାଆନ୍ତି। ବର୍ଷସାରା କୂପଟି ବନ୍ଦ ରହିଥାଏ। କେବଳ ସ୍ନାନ ପୂର୍ଣ୍ଣିମା ପୂର୍ବଦିନ କୂଅ ଉଝଲା ଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନାର୍ଥେ ଏକ ଶହ ଆଠ କଳସ ଜଳ ଏହି କୂଅରୁ ସଂଗ୍ରହ କରାଯାଏ। ଏହା ସ୍ନାନ ମହୋତ୍ସବର ଅଧିବାସ ବିଧି। ଏକ ଶହ ଆଠ କଳସୀ ଅଧିବାସିତ ଜଳରେ ଅଷ୍ଟଗନ୍ଧ, କୃଷ୍ଣାଗୁରୁ, ଉଶୀର, ଗୋରଚନ, ଦେବଦାରୁ, ମୁଥା, ହରିତାଳ, ବାହାଡ଼ା, ଆମଳକୀ, ସଞ୍ଜିଷ୍ଠା, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ, ଲୋଧି ପ୍ରଭୃତି ମିଶ୍ରଣ ଓ ଅଭିମନ୍ତ୍ରଣ କରାଯାଏ। ସେହି ଗନ୍ଧଯୁକ୍ତ ଅଭିମନ୍ତ୍ରିତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ କରିଥାନ୍ତି।

ସ୍ନାନ ପୂର୍ଣ୍ଣିମାର ବହୁପୂର୍ବରୁ ଚିତ୍ରକରମାନେ ସ୍ନାନମଣ୍ଡପକୁ ଚିତ୍ରବିଚିତ୍ର କରିଥାନ୍ତି। ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ପୂର୍ଣ୍ଣିମା ପ୍ରତ୍ୟୁଷରୁ ରତ୍ନସିଂହାସନରୁ ପହଣ୍ଡିବିଜେ ହୋଇ ଚନ୍ଦ୍ରାତପଶୋଭିତ ସୁସଜ୍ଜିତ ସ୍ନାନମଣ୍ଡପରେ ବିଜେ ହୋଇଥାନ୍ତି। ଶାସ୍ତ୍ରାନୁଯାୟୀ ଦାରୁବ୍ରହ୍ମଙ୍କର ସ୍ନାନ ମହୋତ୍ସବ ସୂର୍ଯ୍ୟୋଦୟଠାରୁ ପାଳନ କରାଯାଏ।

**ଦୋଳଯାତ୍ରା ସ୍ୱନକ୍ଷତ୍ରଂ ପୁଷ୍ୟାଚ ପ୍ରଥମାଷ୍ଟମୀ**
**ବ୍ରଜରାଜଂ ହରିସ୍ନାନଂ ମୁଦୟାତ ପରିପାଲୟେତ୍ ।**

ସୂର୍ଯ୍ୟୋଦୟ ସମୟରେ ବିଶ୍ୱକଲ୍ୟାଣ କାମନାରେ ସ୍ନାନମଣ୍ଡପରେ ଠାକୁରଙ୍କର ଆରତି ଅବକାଶ ହୋଇ ମହାସ୍ନାନ ଅନୁଷ୍ଠିତ ହୋଇଥାଏ। ଆଚାର୍ଯ୍ୟ ଓ ସେବକବୃନ୍ଦ ବେଦୋକ୍ତ "ସମୁଦ୍ରଜ୍ୟେଷ୍ଠ" ମନ୍ତ୍ରରେ ଅଧିବାସିତ ଏକଶହ ଆଠ କଳସୀ ଜଳରେ ଶ୍ରୀ ଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଇଥାନ୍ତି। ଅଧିବାସିତ ତଥା ମନ୍ତ୍ରପୂତ ଜଳରୁ ୩୫ କଳସୀ ଜଳରେ ଶ୍ରୀଜଗନ୍ନାଥ, ୩୩ କଳସୀ ଜଳରେ ଶ୍ରୀବଳଭଦ୍ର, ୨୨ କଳସୀ ଜଳରେ ଶ୍ରୀ ସୁଭଦ୍ରା ଓ ୧୮ କଳସୀ ଜଳରେ ଶ୍ରୀସୁଦର୍ଶନଙ୍କୁ ସ୍ନାନ କରାଯାଏ। ଅଧିବାସିତ ଜଳ ଗରାରେ ସ୍ନାନମଣ୍ଡପକୁ ଆସିବା ପରେ ସେବକମାନେ ରୁପା ପିଙ୍ଗଣରେ ଜଳ ନେଇ ଠାକୁରମାନଙ୍କୁ ସ୍ନାନ କରାନ୍ତି। ଠାକୁରଙ୍କର ଏହି ଜନ୍ମସ୍ନାନ ଲୀଳା ହଜାର ହଜାର ଭକ୍ତ ଦର୍ଶନ କରି କୃତକୃତ୍ୟ ହୋଇଥାଆନ୍ତି। ସ୍ନାନୋତ୍ସବ ପରେ ଠାକୁରମାନେ ଅଣସରଘରେ ପନ୍ଦରଦିନ ରହି ଗୁପ୍ତସେବା ପାଇବେ ଏବଂ ଭକ୍ତଗଣ ତାଙ୍କ ଦର୍ଶନ ପାଇବେ ନାହିଁ। ଏହି କାରଣରୁ ସ୍ନାନମଣ୍ଡପରେ ଠାକୁରମାନଙ୍କୁ ଦର୍ଶନ କରିବାକୁ ବହୁ ଭକ୍ତ ଏକତ୍ରିତ ହୋଇଥାନ୍ତି। ଦ୍ୱିତୀୟ କାରଣ ହେଉଛି, ଜନ୍ମୋତ୍ସବରୁ ପ୍ରଭୁଙ୍କ ଦର୍ଶନ କଲେ କୋଟି କୋଟି ଜନ୍ମର ପୁଣ୍ୟ ଅର୍ଜନ ହୋଇଥାଏ। ଏହି ଦୁଇଗୋଟି କାରଣରୁ ଅଗଣିତ ଭକ୍ତ ସ୍ନାନପୂର୍ଣ୍ଣିମାରେ ଠାକୁରଙ୍କୁ ଦର୍ଶନ କରିଥାନ୍ତି।

ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ସ୍ନାନ ବେଦୀରେ ଗଣପତି ବେଶ ଧାରଣ କରିଥାନ୍ତି। ଏହା ମହାବାହୁଙ୍କର ଭକ୍ତବତ୍ସଳ ଲୀଳା। ମଧ୍ୟଯୁଗରେ ଭଟ୍ଟପୁରମ୍‌ରୁ ଗଣପତି ଭଟ୍ଟ ନାମରେ ଜଣେ ଭକ୍ତ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ପୁରୀ ଆସିଥିଲେ। ସଂଯୋଗକ୍ରମେ ସେଦିନ ସ୍ନାନପୂର୍ଣ୍ଣମୀ ପଡ଼ିଥିଲା। ଗଣପତି ସାଧକ ଭଟ୍ଟ ମହୋଦୟ ନିଜର ଇଷ୍ଟ ଗଣପତିଙ୍କ ବ୍ୟତୀତ ଅନ୍ୟ କୌଣସି ଦେବତାଙ୍କୁ ପ୍ରଣାମ କରନ୍ତି ନାହିଁ। 'ବ୍ରହ୍ମପୁରାଣ' ଅଧ୍ୟୟନରୁ ସେ ଶ୍ରୀଜଗନ୍ନାଥଙ୍କୁ ପରଂବ୍ରହ୍ମ ପୁରୁଷୋତ୍ତମ ବୋଲି ଜ୍ଞାତ ହୋଇଥିଲେ ହେଁ ସ୍ନାନମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ଗଣପତି ରୂପରେ ଦର୍ଶନ ନ କରିବାକୁ ପ୍ରଣାମ କଲେ ନାହିଁ। ଶ୍ରୀଜଗନ୍ନାଥ ଭକ୍ତବତ୍ସଳ। ସେ ଗଣପତି ଭଟ୍ଟଙ୍କ ଅନ୍ତର୍ବେଦନା ବୁଝିପାରିଲେ। ଶ୍ରୀଜଗନ୍ନାଥ ସେହି ସ୍ନାନବେଦୀରେ ପଣ୍ଡିତ ଗଣପତି ଭଟ୍ଟଙ୍କୁ ଗଣପତି ରୂପରେ ଦର୍ଶନ ଦେଇଥିଲେ। ଶ୍ରୀଜଗନ୍ନାଥ ହରିଦ୍ରା ଗଣପତି ଓ ଶ୍ରୀବଳଭଦ୍ର ଖଦୀର ଗଣପତି ରୂପ ଦର୍ଶନ କରି ପଣ୍ଡିତ ଗଣପତି ଭଟ୍ଟ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ପ୍ରଣତି ଜଣାଇଲେ 'ଦାର୍ଢ୍ୟତା ଭକ୍ତି' ବର୍ଣ୍ଣନାନୁସାରେ:-

**ଦେଖିଲା ପ୍ରଭୁ ଭଗବାନ, ହୋଇଅଛନ୍ତି ଗଜାନନ।**
**ଲମ୍ବି ଅଛଇ ଥୋଇହସ୍ତ, ଶୋଭାଦିଶଇ ଏକଦନ୍ତ।**
**ଅଦ୍ଭୁତ ବିଶ୍ୱରୂପ ଧରି, ଭୃତ୍ୟକୁ ଡାକୁଛନ୍ତି ହରି।**
**ତାହା ଶୁଣିବା ମହାମତି, ବୋଲେ ନମସ୍ତେ ଗଣପତି।**
**ଆଜ୍ଞୁ ଏ ଦେବସ୍ନାନ ଯାତ, ଯେବେ ହୋଇବେ ଜଗନ୍ନାଥ।**
**କେବଳ ହସ୍ତୀବେଶ ହୋଇ, ବିଜେ କରିବେ ଭାବଗ୍ରାହୀ।**

ଶ୍ରୀଜଗନ୍ନାଥ ଆପଣାର ଜନ୍ମଦିନରେ ସ୍ନାନମଣ୍ଡପରେ ପ୍ରଥମେ ଗଣପତି ରୂପ ଧାରଣ କରି ଭକ୍ତଙ୍କୁ ଦର୍ଶନ ଦେଇଥିବାରୁ ଭାରତୀୟ ଧର୍ମ ଓ ସଂସ୍କୃତିରେ ଗଣପତିଙ୍କୁ ଅଗ୍ରପୂଜ୍ୟ ଆସନରେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରାଯାଏ। ବେଦରେ ଗଣପତି ହେଉଛନ୍ତି ସର୍ବସିଦ୍ଧିଦାତା, ଉପନିଷଦରେ ସଚ୍ଚିଦାନନ୍ଦ ପରଂବ୍ରହ୍ମ, ପୁରାଣରେ ତାଙ୍କର ଆଦ୍ୟ ବନ୍ଦନା କରାଯାଏ, ମହାଭାରତ ବ୍ୟାସଦେବ ଡାକିଲେ ଓ ଗଣେଶ ରୂପରେ



େ ସ
ଲେଖିଲେ, ଭକ୍ତିବାଦରେ
ସେ ବୁଦ୍ଧିଦାତା ଏବଂ ସକଳ କାଳରେ ସେ ବିଘ୍ନବିନାଶକ ନାମରେ ମହିମାବନ୍ତ। ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ପ୍ରଥମେ ଗଣପତିଙ୍କର ଆରାଧନା କରାଯାଏ। ସର୍ବଦେବାରାଧ୍ୟ ଶ୍ରୀଜଗନ୍ନାଥ, ଆପଣା ଜନ୍ମତିଥିରେ ଗଣପତି ରୂପ ଧାରଣ ପରି ଅଖିଳ ବିଶ୍ୱକୁ ସୂଚାଇ ଦେଲେ ଯେ ସେ ହେଉଛନ୍ତି ଗଣଦେବତା ଗଣପତି ଏବଂ ଦିବ୍ୟ ନୀଳାଚଳଧାମରେ ଜଗନ୍ନାଥ ରୂପରେ ବିରାଜମାନ। ସେ ଜଣଙ୍କର ନୁହେଁ, ଗଣଙ୍କର ଦେବତା। ସେ ହିଁ ଶ୍ରେଷ୍ଠ, ଜ୍ୟେଷ୍ଠ ଓ ସର୍ବବରେଣ୍ୟ। ଏହି ଲୀଳାରେ ସେ ଗଣଚେତନାକୁ ପ୍ରସାରିତ କରିଛନ୍ତି। ସ୍ନାନମଣ୍ଡପରେ ଜନ୍ମବାସରରେ ଗଣପତି ବେଶ ହିଁ ଯଥାର୍ଥରେ ଗଣଦେବତା ଜଗନ୍ନାଥଙ୍କର ବିଶ୍ୱରୂପ। ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଚବିଶଗୋଟି ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ହେଁ, ପ୍ରଥମେ ଜନ୍ମତିଥିରେ ଗଣପତି ବେଶ ଧାରଣ କରିଥିବାରୁ ପ୍ରତିବର୍ଷ ସ୍ନାନମଣ୍ଡପରେ ଶ୍ରୀଜଗନ୍ନାଥ ଗଣପତି ରୂପଧାରଣ କରି ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଆସୁଛନ୍ତି ଏବଂ ଅଗଣିତ ଭକ୍ତ ଏହି ବେଶ ଦର୍ଶନ କରି କୃତକୃତ୍ୟ ହେଉଛନ୍ତି। ସ୍ନାନମଣ୍ଡପରେ ଗଣପତି ବେଶ ଧାରଣ କରି ଶ୍ରୀଜଗନ୍ନାଥ ଭକ୍ତବାଞ୍ଛା କଳ୍ପତରୁ ନାମକୁ ସାର୍ଥକ କରିଥାନ୍ତି। ଏହି ଲୀଳା ହେଉଛି ଶ୍ରୀଜଗନ୍ନାଥଙ୍କର ଭକ୍ତାନୁଗ୍ରହ ଲୀଳା।

ସ୍ନାନ ମଣ୍ଡପରେ ଗଣପତି ବେଶ ଧାରଣ କଲାପରେ ଶ୍ରୀଜଗନ୍ନାଥଙ୍କୁ ସେହି ମଣ୍ଡପରେ ଅନ୍ନନୈବେଦ୍ୟ ଅର୍ପଣ କରାଯାଏ। ସ୍ନାନ ମଣ୍ଡପରେ ଅନ୍ନଭୋଗ ଏକ ଅନନ୍ୟ ପରମ୍ପରା। ପ୍ରତିଦିନ ସୁଆରମାନେ ରୋଷଘରୁ ଅନ୍ନନୈବେଦ୍ୟ ଭାରରେ ଛେକ ଆକାରରେ ଗମ୍ଭୀରକୁ ନେଇଥାନ୍ତି ଏବଂ ପୂଜାପଣ୍ଡା ନୈବେଦ୍ୟ ଅର୍ପଣ କରିଥାନ୍ତି। କିନ୍ତୁ ସ୍ନାନମଣ୍ଡପରେ ଜନ୍ମୋତ୍ସବରେ ସକଳ ଭକ୍ତ ଶ୍ରୀଜଗନ୍ନାଥଙ୍କ ଅନ୍ନ ନୈବେଦ୍ୟ ଦର୍ଶନ ବୁଲିଥାନ୍ତି। ସେବକ ସୂପକାରମାନେ ଏହି ଦିନ ରୋଷଘରୁ ଅନ୍ନ, ଡାଲି, ବେଶର, ସାକର, ଖଟା, ନାନାଦି ପିଠା ଆଣି ସ୍ନାନମଣ୍ଡପରେ ଛେକ ବାଢ଼ିଥାନ୍ତି ଏବଂ ପୂଜାପଣ୍ଡାମାନେ ଭକ୍ତଙ୍କ ସମ୍ମୁଖରେ ଏହି ନୈବେଦ୍ୟରୁ ଠାକୁରଙ୍କୁ ସମର୍ପଣ କରିଥାନ୍ତି। ଏହି ଦିନ ନୂତନ ସୂପକାର ବୃନ୍ଦ ଛେକ ବା ଭୋଗ ବାଢ଼ି ସେବକ ରୂପେ ପ୍ରତିଷ୍ଠିତ ହୁଅନ୍ତି। ସ୍ନାନ ପୂର୍ଣ୍ଣିମା ଦିନ ରାତିରେ ଠାକୁରମାନେ ଅଣସର ଘରକୁ ବିଜେ ହୁଅନ୍ତି। ସେଠାରେ ପନ୍ଦର ଦିନ ଅଣସର ଲୀଳା ସଂରଚନା କରିଥାନ୍ତି। ଏହି ପନ୍ଦରଦିନ ଠାକୁରଙ୍କୁ ଅନ୍ନଭୋଗ ଦିଆହୁଏ ନାହିଁ। ତେଣୁ ସ୍ନାନମଣ୍ଡପର ଅନ୍ନଭୋଗ ଭକ୍ତଦର୍ଶନ କରି ପ୍ରଣିପାତ ଜଣାଇଥାନ୍ତି। ପରବର୍ତ୍ତୀ ପନ୍ଦରଦିନ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଆନ୍ତି ନାହିଁ। ଅଣସର କାଳରେ ଠାକୁରଙ୍କୁ ସୁବାସିତ ପଣା, ଫଳ, ଦୁଧସର ପ୍ରଭୃତି ନିଭୃତରେ ଅର୍ପଣ କରାଯାଏ, ଅନ୍ନଭୋଗ ହୁଏ ନାହିଁ।

ସ୍ନାନ ମହୋତ୍ସବପରେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଅନବସର ଲୀଳା ଆରମ୍ଭ ହୋଇଥାଏ। ଅନବସର ପନ୍ଦରଦିନ ଠାକୁରଙ୍କୁ କେହି ଦର୍ଶନ କରିପାରନ୍ତି ନାହିଁ। ଅନବସର ପରେ ନବଯୌବନ ଦର୍ଶନର ସୌଭାଗ୍ୟ ନେତ୍ରୋତ୍ସବରେ ହୋଇଥାଏ। ତେଣୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ସ୍ନାନମଣ୍ଡପର ଦର୍ଶନ ହିଁ ଶେଷ ଦର୍ଶନ। ଏହି ଦୃଷ୍ଟିକୋଣରୁ ହଜାର ହଜାର ଭକ୍ତ ସ୍ନାନବେଦୀ ଚତୁଃପାର୍ଶ୍ୱ ତଥା ବଡ଼ଦାଣ୍ଡରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଥାନ୍ତି। ଅଗଣିତ ଭକ୍ତ ଓ ପତିତଙ୍କୁ ଜନ୍ମତିଥିରେ ସ୍ନାନ ମଣ୍ଡପରେ ଦର୍ଶନ ଦେଇ ଶ୍ରୀଜଗନ୍ନାଥ ଆପଣାର ଭକ୍ତ ବତ୍ସଳ ଓ ପତିତପାବନ ନାମକୁ ସାର୍ଥକ କରିଥାନ୍ତି।

**ପତିତାନାଂ ପତିତୋଽହଂ ତ୍ୱମେବ ପାପହାରକମ୍**
**ପାବନ ପୁରୁଷ ! ଦେହି ନିଶ୍ଚଳା ଭକ୍ତ ମେ ବିଭୋ।**
**ଜନ୍ମୌତ୍ସବେ ପୁଣ୍ୟତିଥୌ ସ୍ନାନମଞ୍ଚେସ୍ଥିତାଶ୍ଚ**
**ଯେ ପଶ୍ୟନ୍ତି ଜଗନ୍ନାଥଂ ସର୍ବଦେବ ନମସ୍କୃତ୍ୟଂ**
**ତେ ବସନ୍ତି ବୈକୁଣ୍ଠେ ଚ ସପ୍ତ କୁଳାଦିନୀତ୍ୱା। ■**

ଆନନ୍ଦ ନଗର, କାଠଗଡ଼ା
ଢେଙ୍କାନାଳ- ୭୫୯୦୦୧
ମୋ : ୮୮୯୫୨୩୦୭୨୨





# ଦେବସ୍ନାନ ପୂର୍ଣ୍ଣିମା



ପ୍ରଫେସର ପ୍ରେମାନନ୍ଦ ମହାପାତ୍ର

ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ। ଏହା ଦ୍ୱାଦଶଯାତ୍ରା ମଧ୍ୟରେ ଅନ୍ୟତମ। ଯାତ୍ରା ଭାଗବତରେ ଏହି ସ୍ନାନ ପୂର୍ଣ୍ଣିମାର କଲ୍ୟାଣକାରୀ ଦିଗ ସଂପର୍କରେ ଉଲ୍ଲେଖ କରାଯାଇଛି:-

**"ଜ୍ୟେଷ୍ଠେମାସି ସିତେପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍ ।
ସ୍ନାପୟେତୀର୍ଥତୋୟେନ ସର୍ବମଙ୍ଗଳ ସିଦ୍ଧୟେ ।"**

ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୁଏ। ତେଣୁ ଜ୍ୟେଷ୍ଠ ମାସ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା କୁହାଯାଏ। ପୂର୍ଣ୍ଣିମାର ପୂର୍ବଦିନ ଶ୍ରୀଜୀଉମାନଙ୍କର ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହୋଇଥାଏ। ଏହାପରେ ସ୍ନାନଯାତ୍ରା ନିମିତ୍ତ ରତ୍ନସିଂହାସନରୁ ଚାରମାଳ ବନ୍ଧା କାର୍ଯ୍ୟ ହୋଇଥାଏ। ପୂର୍ଣ୍ଣିମା ଦିନ ପ୍ରାତଃକାରେ ମଙ୍ଗଳାର୍ପଣ କରାଯାଏ। ତା'ପରେ ଡୋରଲାଗି ହୋଇ ସ୍ନାନବେଦୀ ଅଭିମୁଖେ ଶ୍ରୀଜୀଉମାନଙ୍କର ପହଣ୍ଡିବିଜେ ଆରମ୍ଭ ହୁଏ। ପହଣ୍ଡି ପୂର୍ବରୁ ସ୍ୱର୍ଣ୍ଣକୂପର ସଂସ୍କାରାଦି କ୍ରିୟା ହୋଇଥାଏ। ତା'ପରେ ସ୍ନାନବେଦୀ ସୁସଜ୍ଜିତ ହୋଇଥାଏ। ଧାଡ଼ିପହଣ୍ଡିରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ଯାତ୍ରା କରିଥାନ୍ତି। ତାଙ୍କ ପରେ ମଦନମୋହନ ବିଜେ ହୁଅନ୍ତି। ଏହାପରେ ଶୀତଳାଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ରହିଥିବା ସୁନାକୂଅରୁ ୧୦୮ ଗରା କୁମ୍ଭ ଜଳ ଅଧିବାସ ଘରକୁ ଅଣାଯାଏ। ସୂଚନାଯୋଗ୍ୟ ବର୍ଷକରେ କେବଳ ସ୍ନାନପୂର୍ଣ୍ଣିମା ଅବସରରେ ଏହି କୂପରୁ ଜଳ ଶ୍ରୀଜୀଉମାନଙ୍କର ସ୍ନାନ ପାଇଁ ବ୍ୟବହାର କରାଯାଏ। ୧୦୮ ଜଳକୁମ୍ଭ ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ପାଇଁ ୩୫, ବଳଭଦ୍ରଙ୍କ ପାଇଁ ୩୩, ସୁଭଦ୍ରାଙ୍କ ପାଇଁ ୨୨ ଏବଂ ସୁଦର୍ଶନଙ୍କ ନିମିତ୍ତ ୧୮ କୁମ୍ଭ ଜଳ ସ୍ୱତନ୍ତ୍ର ଭାବରେ ଚନ୍ଦନ, କର୍ପୂର, କେଶରାଦି ମିଶ୍ରିତ ହେବା ପରେ ନବବସ୍ତ୍ର ଓ ନାରିକେଳ ସଂସ୍ଥାପନ କରାଯାଇ ଅଧିବାସିତ କରାଯାଏ। ଇତିମଧ୍ୟରେ ଠାକୁରମାନଙ୍କର ସ୍ନାନବେଦୀ ଉପରେ ମଙ୍ଗଳଆଳତି, ମଇଲମ ଓ ତଡ଼ପ ଲାଗି ଆଦି ନୀତି ସମ୍ପନ୍ନ ହୋଇଥାଏ। ଅବକାଶ ନୀତି,ନବବସ୍ତ୍ର ପରିଧାନ, ବେଶ ସାଜସଜ୍ଜା ହୋଇସାରିଲା ପରେ ରୋଷ ଧୋ-ପଖାଳ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ପ୍ରଭୃତି ଦୈନିକ ନୀତି ସମ୍ପନ୍ନ ହୋଇଥାଏ। ସ୍ନାନମଣ୍ଡପରେ ଜଳଛେକ ପୂଜା ବସିବା ପାଇଁ ପାଣିପଡ଼ି ଟେରାବନ୍ଧା ଯାଇଥାଏ। ପୂଜା ଶେଷ ହେବା ପରେ ନିଜ ନିଜ ବାଡ଼ସ୍ଥିତ କୁମ୍ଭରେ ରହିଥିବା ଜଳକୁ ରୌପ୍ୟ ପିଙ୍ଗଣମାନଙ୍କ ମାଧ୍ୟମରେ ଶ୍ରୀଜୀଉମାନଙ୍କୁ ସ୍ନାନ କରାଯାଏ। ସ୍ନାନ ଶେଷ ହେବା ଭକ୍ତବୃନ୍ଦ ଭକ୍ତି ସହକାରେ ସ୍ନାନ ଜଳକୁ ସେବା କରିଥାନ୍ତି। ଏହାପରେ ରାଜନୀତି ସମ୍ପନ୍ନ ହୋଇ ପାଣି ପଡ଼ିଲେ ହାତୀବେଶ ବା ଗଜାନନ ବେଶର ଆୟୋଜନ ହୁଏ। ମହାପ୍ରଭୁଙ୍କର ଏହି ହାତୀବେଶ ଅତ୍ୟନ୍ତ ଆକର୍ଷଣୀୟ। ଏହି ହାତୀବେଶ ଗଣପତି ଭଟ୍ଟଙ୍କର ପ୍ରସଙ୍ଗକୁ ମନେ ପକାଇ ଦିଏ।

ଏହାପରେ ସ୍ନାନବେଦୀ ଉପରେ ଭୋଗ ନୈବେଦ୍ୟ କରାଯାଏ। ଭୋଗ ନିମିତ୍ତ ଓରିଆ ବା ଘିଅଅନ୍ନ, କାନିକା, ସାଦାଅନ୍ନ, ଡାଲି, ବିଭିନ୍ନ ପ୍ରକାର ତରକାରି, ନାଡ଼ି, ପିଠା, ପୁଳି, ମାଠପୁଳି, ଅମାଲୁ, ଏଣ୍ଡୁରି, ମଣ୍ଡା, ଆରିସା, ହଂସକେଳି, କଦଳୀ, ପଣସ, ଧୁଆମୁଗ, ପଇଡ଼ ଇତ୍ୟାଦି ଅନେକ ଦ୍ରବ୍ୟ ପରିବେଷଣ କରାଯାଏ। ଏଠାରେ ସକାଳ ଧୂପବିଧିରେ ମହାପ୍ରଭୁଙ୍କର ପୂଜା ଅନୁଷ୍ଠିତ ହୋଇଥାଏ ଏବଂ ଆଳତି କରାଯାଏ। ଏହାପରେ ସର୍ବସାଧାରଣ ଦର୍ଶନ ନିମିତ୍ତ ସାହାଣମେଲା କରାଯାଏ।

ସାହାଣମେଲା ପରେ ମଇଲମ କରାଯାଇ ପୁଷ୍ପାଞ୍ଜଳି ଦିଆଯାଏ। ଡୋରଲାଗି ନୀତି ଶେଷ ହୁଏ। ବିଜୟକାହାଳୀ ବାଜିଥାଏ ଏବଂ ଠାକୁରମାନଙ୍କର ପହଣ୍ଡିବିଜେ କାର୍ଯ୍ୟକ୍ରମ ଆରମ୍ଭ ହୁଏ। ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲାବେଳେ ଗୋଟି ପହଣ୍ଡି କରାଯାଏ। ଶ୍ରୀଜୀଉମାନଙ୍କୁ ଅନବସର ପିଣ୍ଡିରେ ବିଜେ କରାଇଲା ପରେ ସ୍ନାନଯାତ୍ରା ବିଧି ସଂପୂର୍ଣ୍ଣ ହୁଏ।

ମହାପ୍ରଭୁଙ୍କର ଏହି ସ୍ନାନଯାତ୍ରା ପର୍ବ ଯେତିକି ଆକର୍ଷଣୀୟ, ସେତିକି ଆଧ୍ୟାତ୍ମିକ ଭାବନାର ଦ୍ୟୋତକ। ସ୍ନାନବେଦୀରେ ଠାକୁରମାନଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ। ସୁତରାଂ 'ବ୍ରହ୍ମ ପୁରାଣ'ରେ ଉଲ୍ଲେଖ ରହିଛି:-

**"ସ୍ନାନକାଳେ ତୁ ଯେ ମର୍ତ୍ତ୍ୟାଃ ପଶ୍ୟନ୍ତି ପୁରୁଷୋତ୍ତମମ୍ ।
ବଳଭଦ୍ରଂ ସୁଭଦ୍ରାଂ ଚ ତେ ଯାନ୍ତି ପଦମବ୍ୟୟମ୍ ।।'**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାପ୍ରଭୁଙ୍କର ଏହି ସ୍ନାନଯାତ୍ରା ଉତ୍ସବକୁ ଅତ୍ୟନ୍ତ ମନୋଜ୍ଞଭାବରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ବର୍ଣ୍ଣନା କରିଛନ୍ତି।

ସେହିପରି ସ୍ନାନଯାତ୍ରା ସଂପର୍କରେ 'ସ୍କନ୍ଦପୁରାଣ' ଗ୍ରନ୍ଥରେ ସୁନ୍ଦର ଭାବରେ କୁହାଯାଇଛି:-



**" ଜ୍ୟେଷ୍ଠାଂ ପ୍ରାତସ୍ତନେ କାଳେ ବ୍ରହ୍ମଣା ସହିତଞ୍ଚ ମାମ୍
ରାମଂ ସୁଭଦ୍ରାଂ ସଂସ୍ନାପ୍ୟ ମମ ସାଯୁଜ୍ୟ ମାପ୍ନୁୟାତ୍ ।"**

ଅର୍ଥାତ୍ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାରାଜାଙ୍କୁ କହୁଛନ୍ତି ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ପ୍ରାତଃ କାଳରେ ବ୍ରହ୍ମାଙ୍କ ସହିତ ମୋତେ, ବଳରାମଙ୍କୁ ଓ ସୁଭଦ୍ରାଙ୍କୁ ସ୍ନାନ କରାଇଲେ ମୋର ସାଯୁଜ୍ୟ ପ୍ରାପ୍ତ ହେବ।

ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ କହିଛନ୍ତି :-

**"ସ୍ନାପ୍ୟମାନଂ ତୁ ଯଃ ପଶ୍ୟେନ୍ମାଂ ତଦା ନୃପସତ୍ତମ
ଦେହ ବନ୍ଧମବାପ୍ନୋତି ନ ପୁନଃ ସତୁ ପୁରୁଷଃ ।"**

ଅର୍ଥାତ୍ ହେ ନୃପସତ୍ତମ! ଯେଉଁ ବ୍ୟକ୍ତି ସ୍ନାନ ଯାତ୍ରାକାଳରେ ମୋତେ ଅବଲୋକନ କରିବେ, ସେମାନଙ୍କ ପୁନର୍ବାର ଦେହ ବନ୍ଧନ ହେବ ନାହିଁ।

ସୁତରାଂ ପରମପବିତ୍ର ସ୍ନାନଯାତ୍ରାର ତୁଳନା ନାହିଁ। ଦୁର୍ଲଭ, ପରମଦୁର୍ଲଭ ଏହି ପବିତ୍ର ସ୍ନାନଯାତ୍ରା।

ସ୍ନାନଯାତ୍ରାରେ ମହାପ୍ରଭୁମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କଲାପରେ ଜ୍ୱରରେ ପୀଡ଼ିତ ହୋଇଥାନ୍ତି। ଏହାପରେ ମହାପ୍ରଭୁଙ୍କର ଅଣସର ନୀତି ଆରମ୍ଭ ହୁଏ। ଠାକୁରଙ୍କର ଅଣସର ସମୟରେ ତାଙ୍କୁ ଦର୍ଶନ କରିବା ପାଇଁ ବାରଣ କରାଯାଇଛି। ଏହା ଶାସ୍ତ୍ରାନୁମୋଦିତ। ସ୍ୱୟଂ ଜଗନ୍ନାଥ ମହାରାଜଙ୍କୁ କହିଛନ୍ତି:-

**"ତତଃ ପଞ୍ଚଦଶାହାନି ସ୍ନାପୟିତ୍ୱା ତୁ ମାଂ ନୃପ
ବିରୂପମଭିରୂପଂ ବା ନ ପଶ୍ୟେତ୍ତୁ କଦାଚନ ।"**

(ସ୍କନ୍ଦପୁରାଣ-୨୯/୨୮)

ଅର୍ଥାତ୍ ହେ ନୃପ ! ସ୍ନାନ କରାଇ ମୋତେ ପଞ୍ଚଦଶ ଦିବସ ପର୍ଯ୍ୟନ୍ତ ମୋର, ଅଙ୍ଗରାଗବିହୀନ ବିରୂପ କିମ୍ବା ସୁନ୍ଦର ରୂପକୁ ଆଦୌ ଦର୍ଶନ କରିବ ନାହଁ।

ଅଣସରପିଣ୍ଡିରେ ଅବସ୍ଥାନ କରୁଥିବା ମହାପ୍ରଭୁଙ୍କୁ ଜ୍ୱରରୁ ମୁକ୍ତି ପାଇଁ ସେବକମାନଙ୍କ ଦ୍ୱାରା ଗୁପ୍ତନୀତି ଆରମ୍ଭ ହୋଇଥାଏ। 'ନୀଳାଦ୍ରି ମହୋଦୟ' ଗ୍ରନ୍ଥ ଅନୁସାରେ ଦଇତାପତି ସେବକମାନଙ୍କ ଦ୍ୱାରା ଶାସ୍ତ୍ରାମୋଦିତ ଚିକିତ୍ସା କରାଯାଏ। ବିଶ୍ୱାବସୁ ଶବର ତଥା ବିଦ୍ୟାପତିଙ୍କ ବଂଶଧର ଦଇତା ସେବକମାନେ ମହପ୍ରଭୁଙ୍କ ଶ୍ରୀଅଙ୍ଗରୁ ଲେପ ଛଡ଼ାଇବା ପୂର୍ବରୁ ମହାପ୍ରଭୁଙ୍କୁ ଔଷଧଯୁକ୍ତ ତୈଳ ମର୍ଦ୍ଦନ କରିଥାନ୍ତି। ଏହାକୁ ଫୁଲୁରି ତେଲ କୁହାଯାଏ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗିହେବା ସହିତ ରାଜବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ମହୌଷଧି ମଧ୍ୟ ଲାଗି କରାଯାଏ। ମହାପ୍ରଭୁଙ୍କୁ ଯେଉଁ ମହୌଷଧି ଲାଗି କରାଯାଏ , ତାହା ଦଶ ପ୍ରକାରର ଔଷଧୀୟ ଚେର, ମୂଳି ଓ ଛେଲିରେ ପ୍ରସ୍ତୁତ କରାଯାଇଥାଏ। ■

କାର୍ଯ୍ୟକ୍ରମ ପରାମର୍ଶଦାତା
ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ : ୯୪୩୭ ୬୪୪୪୩୩



ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ସର୍ବଶ୍ରେଷ୍ଠ ଯାତ୍ରା ହେଉଛି ସ୍ନାନଯାତ୍ରା । ପ୍ରତିବର୍ଷ ଜ୍ୟୋଷ୍ଠ ମାସ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ଏହି ପୂର୍ଣ୍ଣିମୀ ଦିନ ସ୍ନାନ ଯାତ୍ରାଠାରୁ ଶ୍ରୀ ଠାକୁରମାନଙ୍କର ଯାତ୍ରା ଓ ପର୍ବପର୍ବାଣି ଆରମ୍ଭ ହୋଇଥାଏ ।




ଡକ୍ଟର ତ୍ରିନାଥ ପଟ୍ଟନାୟକ

# ପୁରାଣ ଓ ସାହିତ୍ୟରେ ସ୍ନାନଯାତ୍ରା

ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ତଥା ପ୍ରସିଦ୍ଧ ଆନନ୍ଦ ବଜାର ପରିସରରେ ଏକ ଭବ୍ୟ ମଣ୍ଡପ ଅଛି । ଏହି ମଣ୍ଡପର ପୂର୍ବେ ରୂପ ମଞ୍ଚ ଥିଲା । 'ମଞ୍ଚାସ୍ନାନଂ ରଥବରଗତିଃ' ବୋଲି କାଳସାର ସ୍ମୃତି ଗ୍ରନ୍ଥରେ ଉଲ୍ଲେଖ ଅଛି । ଏହାକୁ ଦେବସ୍ନାନ ମଣ୍ଡପ ବୋଲି କୁହାଯାଏ । ଏହି ମଣ୍ଡପ ଧଳା ବଉଳମାଳା ପଥରରେ ନିର୍ମିତ । ମଣ୍ଡପର ଲମ୍ବ ଓ ପ୍ରସ୍ଥ ସମାନ । ପ୍ରତ୍ୟେକ ପଞ୍ଚସ୍ତରୀ ଫୁଟ ଲେଖାଏଁ । ମଣ୍ଡପର ଉଚ୍ଚତା ଉତ୍ତରରେ ଛଅ ଫୁଟ ଛଅ ଇଞ୍ଚ ଓ ଦକ୍ଷିଣରେ ଉଚ୍ଚତା ଛଅ ଫୁଟ ତିନି ଇଞ୍ଚ । ମଣ୍ଡପକୁ ଉଠିବା ନିମନ୍ତେ ଚାରିଗୋଟି ପାହାଚ ଅଛି । ପ୍ରଥମ ପାହାଚ ଉଚ୍ଚତା ତିନି ଫୁଟ ପାଞ୍ଚ ଇଞ୍ଚ, ଦ୍ୱିତୀୟ ପାହାଚ ପାଞ୍ଚଫୁଟ ଆଠ ଇଞ୍ଚ, ତୃତୀୟ ପାହାଚ ତିନି ଫୁଟ, ଚତୁର୍ଥ ପାହାଚ ତିନିଫୁଟ ତିନିଇଞ୍ଚ । ପଞ୍ଚମ ପାହାଚରେ ଠାକୁରମାନଙ୍କ ଆସନ ଅବସ୍ଥିତ । ଏଠାରେ ଏକ ଫୁଟ ଉଚ୍ଚତାର ତିନିଗୋଟି କଳା ମୁଗୁନି ପଥରରେ ନିର୍ମିତ ପିଣ୍ଡି ଅଛି ।

ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଉଦ୍ଦିଷ୍ଟ ପିଣ୍ଡିର ବ୍ୟାସ ୩ ଫୁଟ ୩ ଇଞ୍ଚ ଓ ପରିଧି ୯ ଫୁଟ ୩ ଇଞ୍ଚ । ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସ ୨ ଫୁଟ ଓ ପରିଧି ୬ ଫୁଟ ପାଞ୍ଚ ଇଞ୍ଚ । ଶ୍ରୀବଳଭଦ୍ରଙ୍କ ପିଣ୍ଡିର ବ୍ୟାସ ତିନିଫୁଟ ପାଞ୍ଚ ଇଞ୍ଚ ଓ ପରିଧି ସାତ ଫୁଟ ୩ ଇଞ୍ଚ । ମଣ୍ଡପ ପାଞ୍ଚ ପାହାଚ ଉପର ପିଣ୍ଡି ସମେତ ମୋଟ ଉଚ୍ଚତା ୨୫ ଫୁଟ ୩ ଇଞ୍ଚ ।

ମଣ୍ଡପଟି ମେଘନାଦ ପାଚେରିଠାରୁ ଉଚ୍ଚରେ ଥିବାରୁ ଶ୍ରୀଜୀଉମାନେ ମଣ୍ଡପରେ ବିଜେ କରିଥିବାବେଳେ ବଡ଼ଦାଣ୍ଡରୁ ସହଜରେ ଦର୍ଶନ ମିଳେ । ଗବେଷକମାନେ କୁହନ୍ତି, ଗୁଣ୍ଡିଚା ମଣ୍ଡପଠାରେ ଠାକୁରମାନଙ୍କ ମୂର୍ତ୍ତି ନିର୍ମାଣ ପରେ ସେମାନଙ୍କୁ ରଥରେ ବା ବ୍ରହ୍ମଯାନରେ ଅଣାଯାଇ ଶ୍ରୀମନ୍ଦିରର ଏହି ମଞ୍ଚରେ ପ୍ରଥମ ସ୍ନାନ ବିଧି ସମ୍ପନ୍ନ କରାଯାଇଥିଲା । ତା'ପରେ ମୁଖ୍ୟ ମନ୍ଦିରରେ ଦେବତା ପ୍ରତିଷ୍ଠା କରାଯାଇଥିଲା । ଏଣୁ ସ୍ନାନବେଦୀର ବିଶେଷ ମହତ୍ତ୍ୱ ଅଛି । ଶ୍ରୀଜଗନ୍ନାଥ ନିତ୍ୟ ଓ ଶାଶ୍ୱତ ତଥାପି ମାନବୀୟ ଲୀଳା ରଚନା ନିମନ୍ତେ ଏହି ରୂପରେ ପ୍ରଥମେ ପ୍ରକଟ ହୋଇଥିଲେ । ଏହାକୁ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ବା ଜନ୍ମ ଦିବସ ରୂପେ ଗ୍ରହଣ କରାଯାଏ ।



ଜ୍ୟୈଷ୍ଠାମହଞ୍ଚାବତୀର୍ଣ୍ଣସ୍ତତ୍ ପୁଣ୍ୟଂ ଜନ୍ମ ବାସରମ୍
ତସ୍ୟାଂ ମେ ସ୍ନପନଂ କୁର୍ଯ୍ୟାନ୍ମହାସ୍ନାନ ବିଧାନତଃ ।
(ସ୍କନ୍ଦ ପୁରାଣ – ୨୯/୧୬, ୧୭)

ଜ୍ୟେଷ୍ଠ ପୂର୍ଣ୍ଣିମାରେ ମୁଁ ଅବତୀର୍ଣ୍ଣ ହୋଇଛି । ଏଣୁ ଏହି ଦିବସରେ ଅଧିବାସ ପୂର୍ବକ ମହାସ୍ନାନ ବିଧିରେ ମୋତେ ସ୍ନାନ କରାଇବ ।

ଅଦ୍ୟ ଜନ୍ମଦିନଂ ନାଥ ପାବନଂ ଜାୟତେ ତବ
ତସ୍ମାତ୍ତ୍ୱଂ ତୀର୍ଥପାନୀୟୈ କୌଦୈଃ ପୁଣ୍ୟ ବର୍ଦ୍ଧନୈଃ ।
(ନୀଳାଦ୍ରି ମହୋଦୟ -୧୪/୬୬)

ହେ ନାଥ ! ଆଜି ଆପଣଙ୍କ ପବିତ୍ର ଜନ୍ମଦିନ । ପୁଣ୍ୟବର୍ଦ୍ଧକ ନାନା ତୀର୍ଥ ସମବେତ ଚନ୍ଦନାଦି ସୁବାସିତ ଦ୍ରବ୍ୟ ମିଶ୍ରିତ କୂପ ଜଳରେ ତୁମର ଆଜ୍ଞା ପାଳନ କରି ତୁମକୁ ସ୍ନାନ କରାଇବି । ଏହି ଦିନ ମହାପ୍ରଭୁ ଦାରୁ ବିଗ୍ରହ ରୂପେ କୃପାସିନ୍ଧ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଥମେ ଦର୍ଶନ ପ୍ରଦାନ କରିଥିଲେ । ଉକ୍ତ ଦିନ ଠାକୁରମାନଙ୍କର ସେନାପଟା ଲାଗି ହେବା ପରେ ମଙ୍ଗଳାର୍ପଣ କର୍ମ ଶେଷ ହେଲା ପରେ ଠାକୁରମାନଙ୍କୁ ଧାଡ଼ି ପହଣ୍ଡିରେ ମଣ୍ଡପରେ ବିଜେ କରାଯାଇଥାଏ । ଜଗମୋହନର ଭିତରେ ଥିବା ସାତ ପାହାଚରେ ଟାହିଆ ଲାଗି କରାଯାଏ । ସେଠାରେ ମଧ୍ୟ ସପ୍ତ ଜ୍ୟୋତି ବନ୍ଦାପନା କରାଯାଏ । ପୂର୍ବରୁ ଶୀତଳା ମନ୍ଦିର ସମ୍ମୁଖରେ ଥିବା ସୁନାକୂଅରୁ ଶହେ ଆଠ କୁମ୍ଭ ଜଳ ଆଣି ଅଧିବାସୀ ଘରେ ରଖାଯାଇଥାଏ । ସେହି କୁମ୍ଭ ଜଳରୁ ଶ୍ରୀବଳଭଦ୍ରଙ୍କୁ ତେତିଶ, ଶ୍ରୀଜଗନ୍ନାଥଙ୍କୁ ପଇଁତିରିଶ, ସୁଭଦ୍ରାଙ୍କୁ ବାଇଶ ଓ ଶ୍ରୀସୁଦର୍ଶନଙ୍କୁ ଆଠ କୁମ୍ଭଜଳ ଦ୍ୱାରା ସ୍ନାନ କରାଯାଇଥାଏ । ସେହି ସମୟରେ ପୁରୁଷସୂକ୍ତ ମନ୍ତ୍ରରେ ଜଳାଭିଷେକ କରାଯାଏ ।

ସୁନାକୂଅ ଶ୍ରୀମନ୍ଦିରର ଅତି ପୁରାତନ କୂଅ ବୋଲି ପୁରାଣ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା କରାଯାଇଛି । କଥିତ ଅଛି ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପୂର୍ବରୁ ଏ କୂଅ ଖନନ କରାଯାଇଥିଲା । ଶ୍ରୀମନ୍ଦିର ପରିସରରେ ଥିବା ସାତଗୋଟି କୂଅ ମଧ୍ୟରୁ ସର୍ବଶ୍ରେଷ୍ଠ ସୁନା କୂଅ ଅଟେ ।




ଦେବସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନଙ୍କ ସ୍ନାନ ନିମିତ୍ତ ସୁନାକୂଅରୁ ପାଣି ଆଣୁଥିବା ସେବକମାନଙ୍କୁ ସୁନା ଗୋସାଇଁ ବୋଲି ଅଭିହିତ କରାଯାଇଛି । ସୁନା ଗୋସାଇଁମାନେ ଭକ୍ତମାନଙ୍କୁ ଦୀକ୍ଷା ପ୍ରଦାନ କରିଥାନ୍ତି ।






## ଶ୍ରୀମନ୍ଦିର ସ୍ୱତ୍ୱଲିପି ସ୍ନାନଯାତ୍ରା

ସ୍ନାନଯାତ୍ରା ବିଷୟରେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ୩୭ଜଣ ସେବକ ଓ ମଠମାନେ ନୀତି ସମ୍ପାଦନା କରିଥାନ୍ତି। ଗୋପାଳତୀର୍ଥ ମଠ ଓ ରାଘବଦାସ ମଠ ତରଫରୁ ସମସ୍ତ ସାଜସଜ୍ଜା ଯୋଗାଇ ଦିଆଯାଇଥାଏ। ସୁନା ଗୋସେଇଁ ଓ ମୁଦିରସ୍ତ ସୁନାକୂଅରୁ ୧୦୮ ଗରା ପାଣି ଆଣି ଜଳ ଅଧିବାସୀ ଘରେ (ସର ଘରେ) ରଖିଥାନ୍ତି। ଘଟୁଆରୀ ଘରଠାରେ କର୍ପୂର, କେଶର ଚୁଆ ପ୍ରଭୃତି ମିଶାଯାଏ। ଏପରି ଭାବରେ ଜଳ ଅଧିବାସୀ ହେଉଥିବା ସମୟରେ ସ୍ନାନ ମଣ୍ଡପରେ ଦିଅଁମାନଙ୍କର ରୁନ୍ଧା ବଢ଼ିବା ପୂଜାପାଠ ସରିଲା ପରେ ଅଧିବାସ ସ୍ଥଳରୁ ଜଳ ଛେକି ଆସିବା ସକାଶେ ଡାକିବା ପାଇଁ ଯିବେ। ଗରାବଡୁ ସେବକମାନେ ମୁହଁରେ ବାଘ ମୁହାଁ ବାନ୍ଧି ଜଳଛେକକୁ ହାତରେ ଧରି ଚାଲିବେ। ସେମାନଙ୍କ ଆଗରେ ତଳିଚ୍ଛୁ ମହାପାତ୍ର,ପଧାନୀଙ୍କ ସହିତ ହାତକୁ ହାତଯୋଡ଼ି ଚାଲିବେ। ଘଣ୍ଟା କାହାଳି ଓ ବାଜା ବାଜୁ ଥିବ, ଛତାର ଛତା ଧରିଥିବେ। ଏହିପରି ଚାରିବାଡ଼ - ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ୩ ବାଡ଼ ଓ ସୁଭଦ୍ରା ବାଡ଼ ସକାଶେ ୪ ଥର ଜଳ ଛେକ ବିଜେ ହୋଇ ଆସିବେ। ଏହାପରେ ମୁଦିରସ୍ତ ଗଦି ପ୍ରସାଦ ଲାଗି କରିବେ। ଚନ୍ଦନଗଦି ଫେଟା ୩ ପୂଜାପଣ୍ଡା ପୂଜାରେ ବସିବେ। ଷୋଡ଼ଶ ଉପଚାରରେ ପୂଜା ହେବ। ଗରାବଡୁମାନେ ଚନ୍ଦନ ମିଶ୍ରିତ ଜଳ ଗରାମାନ ହାତରେ ଧରି ୩ ମେକାପ ଧରିଥିବା ରୁପା ପିଙ୍ଗଣମାନଙ୍କରେ ଜଳ ଦିଅନ୍ତି। ପୂଜା ପଣ୍ଡାମାନେ ମେକାପମାନଙ୍କଠାରୁ ଉକ୍ତ ପିଙ୍ଗଣମାନ ୩ ବାଡ଼ରେ ଜଳଲାଗି କରନ୍ତି। ଏହି ପରି ରୀତିରେ ସମସ୍ତ ଗରାର ଜଳଲାଗି କରାଯାଏ। ରାଜନୀତି ବଢ଼ିଲା ପରେ ମୁଦିରସ୍ତ ସ୍ନାନ ମଣ୍ଡପରେ ଛେରା ପହରା କରନ୍ତି। ସୁଆର ବଡୁ ପାଣି ପକାନ୍ତି। ପାଣି ପଡ଼ିଲାପରେ ଗୋପାଳ ତୀର୍ଥ ମଠରୁ ଆସିଥିବା ବଡ଼ ବାଡ଼ର ହାତୀବେଶ ଉପକରଣମାନ (ଜଗମୋହନ ଗରୁଡ଼ଙ୍କ ପାଖରେ ରଖାଯାଇଥିବା) ଆସେ। ଏହାପରେ ଘଣ୍ଟ ଓ କାହାଳି ସହ ରାଘବ ଦାସ ମଠରୁ ଅନ୍ୟ ଦୁଇବାଡ଼ର ହାତୀବେଶ ଉପକରଣ ଆସିଥାଏ। ପାଳିଆ ପଶୁପାଳକ ଓ ଦଇତାପତିମାନଙ୍କ ସହ ତିନିବାଡ଼ରେ ହାତୀବେଶ ବା ଗଣେଶ ବେଶ କରିଥାନ୍ତି। ଏହି ବେଶ ପରିଧାନ କରି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ହସ୍ତୀ ରୂପେ ଦୃଶ୍ୟମାନ ହୁଅନ୍ତି। କଦଳୀ ପଟ, ସୋଲ, ଜରି ପ୍ରଭୃତିରେ ଏହି ବେଶର ଉପକରଣ ନିର୍ମିତ ହୋଇ ଥାଏ।



# ଦାର୍ଢ୍ୟତା ଭକ୍ତି




## ପୁରାଣରେ ସ୍ନାନ ପୂର୍ଣ୍ଣିମା

ଶ୍ରୀରାମ ଦାସ ରଚିତ 'ଦାର୍ଢ୍ୟତାଭକ୍ତି' ପୁରାଣରେ ଉଲ୍ଲେଖ ଅଛି। ଗଣପତି ଭଟ୍ଟ ନାମକ ଜଣେ ଗାଣପତ୍ୟ ସମ୍ପ୍ରଦାୟର ଭକ୍ତ, ପ୍ରଭୁଙ୍କୁ ଶ୍ରୀ ଗଣେଶ ରୂପେ ଦର୍ଶନ କରିବା ନିମନ୍ତେ ପ୍ରାର୍ଥନ କରିଥିଲେ। ପ୍ରଭୁଙ୍କ ଆଜ୍ଞା ପାଇ ଏହି ବେଶର ସୃଷ୍ଟି।

ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତିକୁ ସ୍ନାନ କରାଇବେଳେ ସ୍ନାନ ମନ୍ତ୍ର ପାଠ କରାଯାଇଥାଏ। ପ୍ରଥମେ ରୁପା ଦୀକ୍ଷଣାକୁ ସଂସ୍କାର କରାଯାଇ ଠାକୁରଙ୍କୁ ସ୍ନାନ ନିମନ୍ତେ ପ୍ରାର୍ଥନା କରାଯାଏ।



### ଶ୍ରୀବଳଭଦ୍ର

**ବଳଦେବ ନମସ୍ତେଽସ୍ତୁ ରେବତୀ ପ୍ରାଣ ବଲ୍ଲଭ,**
**ଆବିର୍ଭାବ ଦିନାନ୍ତେଽଦ୍ୟ ସ୍ନାପୟାମ୍ୟଦ୍ଭ ସନ୍ମସା**
**ସୁବାସିତେନ ଦିବ୍ୟେନ ତଥୈବ ଚନ୍ଦନଦ୍ରବୈଃ ॥**

ହେ ରେବତୀ ପ୍ରାଣବଲ୍ଲଭ! ବଳଦେବ ! ତୁମକୁ ନମସ୍କାର। ଆଜି ହେଉଛି ଆପଣଙ୍କର ଆବିର୍ଭାବ ଦିବସ। ଚନ୍ଦନାଦି ସୁବାସିତ ଦିବ୍ୟଜଳରେ ଆପଣଙ୍କୁ ସ୍ନାନ କରାଇବା ପାଇଁ ଆଜ୍ଞା ଦିଅନ୍ତୁ।



### ଶ୍ରୀ ଜଗନ୍ନାଥ

**ଦୀନବନ୍ଧୋ ଦୟା ସିନ୍ଧୋ ନୀଳାଚଳ ପତେ ହରେ।**
**ଅଦ୍ୟ ଜନ୍ମଦିନଂ ନାଥ ପାବନଂ ଜାୟତେ ତବ।**
**ତସ୍ମାତ୍ତ୍ୱଂ ତୀର୍ଥପାନୀୟୈଃ କୌପୈଃ ପୁଣ୍ୟ ବିବର୍ଦ୍ଧନୈଃ ॥**



### ସୁଭଦ୍ରା

**ଭଦ୍ରେ ଦେବି ନମସ୍ତୁଭ୍ୟଂ ସର୍ବାନନ୍ଦ ପ୍ରଦାୟିନି**
**ସ୍ନାପୟାମି ଜଳୈଃ ପୁଣ୍ୟୈଃ ଜଗନ୍ମାଙ୍ଗଲ୍ୟ ହେତବେ।**



### ସୁଦର୍ଶନ

**ସୁଦର୍ଶନ ନମସ୍ତେଽସ୍ତୁ ବିଷ୍ଣୁ ହସ୍ତାମ୍ବୁଜସ୍ଥିତ**
**ସ୍ନାପୟାମି ଭବନ୍ତଂ ଚ ନମସ୍ତେ ଜ୍ଞାନଦାୟକ।**

ହେ ଜଗଦାନନ୍ଦ ଦାୟକ! ହେ ଦୀନବନ୍ଧୁ ! ହେ ଦୟା ସିନ୍ଧୁ! ହେ ନୀଳାଚଳପତି ! ହେ ହରି। ହେ ନାଥ ଆଜି ଆପଣଙ୍କ ପବିତ୍ର ଜନ୍ମଦିନ ! ପୁଣ୍ୟ ବର୍ଦ୍ଧନ ନାନା ତୀର୍ଥ ସମବେତ ଚନ୍ଦନାଦି ସୁବାସିତ ଦ୍ରବ୍ୟ ମିଶ୍ରିତ କୂପ ଜଳରେ ଆପଣଙ୍କର ଆଜ୍ଞା ପାଳନ କରି ଆପଣଙ୍କୁ ସ୍ନାନ କରାଇବି।

ତାପରେ ସୁଭଦ୍ରାଙ୍କୁ ସ୍ମରଣ କରାଯାଇ କୁହାଯାଇଛି – ହେ ଦେବୀ ! ସୁଭଦ୍ରା ! ତୁମ୍ଭଙ୍କୁ ନମସ୍କାର। ତୁମ୍ଭେ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କର। ଜଗତର ମଙ୍ଗଳ ନିମନ୍ତେ ତୁମ୍ଭଙ୍କୁ ପୁଣ୍ୟଜଳରେ ସ୍ନାନ କରାଇବି।

ତା'ପରେ ସୁଦର୍ଶନଙ୍କୁ ସ୍ମରଣ କରି ପାଠ କରାଯାଇଥାଏ, ହେ ସୁଦର୍ଶନ! ତୁମକୁ ନମସ୍କାର ! ତୁମେ ବିଷ୍ଣୁଙ୍କର ହସ୍ତ ପଦ୍ମରେ ଅବସ୍ଥାନ କର। ତୁମେ ଜ୍ଞାନ ଦାତା। ତୁମକୁ ସ୍ନାନ କରାଇବି କୃପାକର।

(ନୀଳାଦ୍ରି ମହୋଦୟ। ଚତୁର୍ଦ୍ଦଶୋଧ୍ୟାୟ)

## ସାହିତ୍ୟରେ ସ୍ନାନଯାତ୍ରା

ସାହିତ୍ୟ କ୍ଷେତ୍ରରେ ମଧ୍ୟ ସ୍ନାନଯାତ୍ରା ବିଷୟରେ କବିମାନେ ବର୍ଣ୍ଣନା କରିଛନ୍ତି। କବି ଶ୍ରୀହର୍ଷ ସଂସ୍କୃତ କାବ୍ୟ 'ନୈଷଧୀୟ ଚରିତମ୍'ର ୧୫ ଦଶ ସର୍ଗରେ ଉଲ୍ଲେଖ କରିଛନ୍ତି-

**ଯାଭିର୍ଦୃଶ୍ୟତ ଏଗଯାନ୍‌ପଥି ମହାର୍ଜ୍ୟୈ ମହେ**
**ଯଦ୍ବଗ୍ଭି ପୁରୁଷୋତ୍ତମଃ ପରିଚିତଃ**
**ପ୍ରାଗ୍ ମଞ୍ଚ ମଞ୍ଚନ କୃତଃ ॥**

ବରବେଶରେ ଯାଉଥିବା ନଳଙ୍କୁ ଦେଖି ପୁରନାରୀମାନେ ପରସ୍ପର ମଧ୍ୟରେ ଆଳାପ କରୁଛନ୍ତି। ଯେଉଁମାନେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ମଞ୍ଚ (ସ୍ନାନମଣ୍ଡପ) କୁ ଯାଉଥିବା ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ) ଙ୍କୁ ଦେଖିଛନ୍ତି ସେହି ନାରୀମାନେ ହିଁ ବରବେଶୀ ନଳଙ୍କୁ ଦେଖିବାର ସୌଭାଗ୍ୟ ଲାଭ କରିପାରିବେ।

'ଶ୍ରୀ ଜଗନ୍ନାଥ ଚରିତାମୃତ'ରେ କବି ଦିବାକର ଦାସ ଲେଖିଛନ୍ତି –

**ଜ୍ୟେଷ୍ଠାରେ ଗୁରୁ ନିଶାକର / ରୋହିଣୀଟି ଦିବାକର।**
**ଜ୍ୟେଷ୍ଠ ପୂର୍ଣ୍ଣମୀ ଗୁରୁବାର / ସେ ମହାଜ୍ୟୈଷ୍ଠୀ ଯୋଗସାର।**



କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯିଏ କି ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ସ୍ନାନ ଯାତ୍ରା ବିଷୟରେ ଉଲ୍ଲେଖ କରିଛନ୍ତି:-

**ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର,**
**ପତିତ ପାବନ ଅର୍ଥେ ପ୍ରସାଦୁଁ ବାହାର ହେ।**
**ଜ୍ୟେଷ୍ଠ ପୌର୍ଣ୍ଣମାସୀ ପୂର୍ବନିଶି ଅବଶେଷେ**
**ସେବକ ଉତ୍ସୁକେ ମିଳି ମହାପ୍ରଭୁ ପାଶେ ହେ ॥**
**ସେ କାଳକୁ ଅନୁସରି ଯାତ୍ରୀ ନରନାରୀ**
**ଯେ ଯାହାର ନିତ୍ୟକର୍ମ ତ୍ୱରା ହୋଇ ସାରି ହେ।**
**ହରି ହରି-ଦ୍ୱାରେ ମିଳି ହରି ଧ୍ୱନି କଲେ**
**ହରିତ ପୂରିତ ତ୍ୱରିତରେ ତହିଁ ହେଲେ ହେ।**

(ହରି –ଶ୍ରୀ ଜଗନ୍ନାଥ, ହରିଦ୍ୱାର- ସିଂହଦ୍ୱାର, ହରିତ – ଦିଗ)


ଓଡ଼ିଆ ସାହିତ୍ୟର ମଧ୍ୟଯୁଗୀୟ କବି ଲୋକନାଥ ବିଦ୍ୟାଧରଙ୍କ ରଚିତ କାବ୍ୟ "ନୀଳାଦ୍ରି ମହୋତ୍ସବ' କାବ୍ୟରେ ସ୍ନାନ ଯାତ୍ରା ବିଷୟରେ ଉଲ୍ଲେଖ କରିଛନ୍ତି-




**ଯେଥୁ ଅନନ୍ତରେ ଶୁଣହେ ମତି ଦେଇ ସୁଜନ।**
**କହିବା ଚରାଚର ନାଥ ସ୍ନାନ ଯାତ୍ରା ବିଧାନ।**
**ନିଶି ବେନି ପ୍ରହରଥାଉଁ ଜ୍ୟେଷ୍ଠ ପୌର୍ଣ୍ଣମୀ ଦିନ**
**ଚକା ଅପସର ଉଲାଗି ହୁଅନ୍ତି ଭଗବାନ।**
**ଯେହି ସମୟେ ଶିରିପାଣି ଭସ୍ତ୍ର ସହିତ ହୋଇ**
**ସ୍ନେହସିନ୍ଧୁର ଶୁଚି ଚିରଲାଗି କହ ନୁହଇ।**
**ତହୁଁ ଉତ୍ତାରୁ ପହଣ୍ଡି ବିଜେ ଆଗେ ସୁଦରଶନ**
**ତଥି ପଛରେ କାମପାଳ କଲେ ଲୀଳା ଗମନ।**
**ଝୁଲି ଝୁଲି ବେନି ପାସରୁ ବଜେ କରି ରହନ୍ତି**
**ଆଶା ବରଷ କି ବାସବ ମନ୍ଦ ମନ୍ଦ ଚଳନ୍ତି।**
**ତଥି ପରେ ଭଦ୍ରଦାୟିନୀ ଭଦ୍ରା ବାହାର ହେଲେ**
**ତଥି ଉତ୍ତାରୁ ମହାପ୍ରଭୁ ଧୀରେ ବିଜୟେ କଲେ ॥**

ସ୍ନାନବେଦୀ ଉପରେ ଶ୍ରୀଜୀଉମାନଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳେ ବୋଲି ଭକ୍ତମାନଙ୍କର ବିଶ୍ୱାସ। ଏଣୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଦେଶର କୋଣ ଅନୁକୋଣରୁ ଆସି ପୁରୀରେ ପହଞ୍ଚିଥାନ୍ତି। ଭାଗ୍ୟରେ ଥିଲେ ଏଭଳି ଭବ୍ୟଲୀଳା ଦେଖିବାକୁ ମିଳେ। ପ୍ରଭୁଙ୍କ ହାତୀବେଶ ବା ଗଜାନନ ବେଶ ଭକ୍ତଙ୍କୁ ମୁଗ୍ଧ କରିଥାଏ।

ସଂପାଦକ, ପୁରାଣ ପତ୍ରିକା, ସା:/ପୋ: - ନିଆଳୀ, କଟକ
ମୋ: ୯୯୩୭୮୪୦୩୮୭



# ଗଜାନନ ବେଶର ମାହାତ୍ମ୍ୟ

ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀଜଗନ୍ନାଥ ଧାମ ପ୍ରାଚୀନ କାଳରୁ ବୈଷ୍ଣବଙ୍କ ଉପାସନାର କ୍ଷେତ୍ର ଭାବରେ ପୁରାଣ ବିଦିତ । ଓଡ୍ର ପ୍ରଦେଶରେ କଳିଯୁଗରେ ମହାବିଷ୍ଣୁ ଶ୍ରୀଜଗନ୍ନାଥ ରୂପରେ ପୂଜା ପାଇବାର ପରଂପରା ସୃଷ୍ଟି କରାଯାଇଛି । 'ସ୍କନ୍ଦପୁରାଣ' ଓ 'ନୀଳାଦ୍ରିମହୋଦୟ'ରେ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଅବତାରଣା ରହିଛି । ପୁରୁଷୋତ୍ତମ ପରଂପରାଟି କାଳକ୍ରମେ ନୀଳାଚଳ ଓ ଶ୍ରୀକ୍ଷେତ୍ର ମାହାତ୍ମ୍ୟ ଦେଇ ବିକଶିତ ହୋଇଛି । ଭିନ୍ନ ଭିନ୍ନ ସମୟରେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଧର୍ମଗୁରୁ ଓ ସାଧକମାନେ ଶ୍ରୀକ୍ଷେତ୍ର ଆସି ନିଜ ନିଜ ମାର୍ଗରେ ଜଗନ୍ନାଥ ଉପାସନା କରିଛନ୍ତି । ଜଗନ୍ନାଥଙ୍କୁ କିଏ ଗଜାନନ, ପଦ୍ମବେଶ, ରଘୁନାଥ, ନାଗାର୍ଜୁନ ଆଦି ବିଭିନ୍ନ ବେଶରେ ଦର୍ଶନ କରି ନିଜ ପ୍ରାଣକୁ ପବିତ୍ର କରିଛନ୍ତି । ଜଗନ୍ନାଥଙ୍କୁ ସର୍ବଧର୍ମ ସମନ୍ୱୟର ଦେବତା କୁହାଯାଏ । ବୌଦ୍ଧ, ଜୈନ, ଶାକ୍ତ, ଗାଣପତ୍ୟ ଓ ବୈଷ୍ଣବ ଧର୍ମର ସମନ୍ୱୟ ପୀଠ ଭାବରେ ଶ୍ରୀକ୍ଷେତ୍ର ପ୍ରତିଷ୍ଠା ପାଇଛି । ଜଗନ୍ନାଥଙ୍କ ଉପାସନା ବିଧିରେ ବିଭିନ୍ନ ବେଶ, ଯାତ୍ରା ଓ ପର୍ବପର୍ବାଣି ପରିଲକ୍ଷିତ ହୋଇଥାଏ । ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମହା ଆଡ଼ମ୍ବରରେ ପାଳନ କରାଯାଏ । ଏହି ଦ୍ୱାଦଶଯାତ୍ରା ମଧ୍ୟରୁ ଜ୍ୟେଷ୍ଠ ପୂର୍ଣ୍ଣିମାରେ ପାଳନ କରାଯାଉଥିବା ସ୍ନାନଯାତ୍ରା ଅତ୍ୟନ୍ତ ଗୁରୁତ୍ୱ ବହନ କରିଥାଏ । ସ୍ନାନଯାତ୍ରା ଅବସରରେ ଶ୍ରୀବିଗ୍ରହ ଗଜାନନ ବା ହାତୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ସେହିପରି ସୁନା କୂଅର ମଧ୍ୟ ବେଶ୍ ଗୁରୁତ୍ୱ ରହିଛି ।



ଶ୍ୟାମ ପ୍ରକାଶ ସେନାପତି

## ଶ୍ରୀଜୀଉଙ୍କର ଦ୍ୱାଦଶ ଯାତ୍ରା

ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବର୍ଷସାରା ପର୍ବପର୍ବାଣି ଲାଗି ରହିଥିଲେ ହେଁ, ତନ୍ମଧ୍ୟରୁ ୧୨ ଗୋଟି ବିଶିଷ୍ଟ ଉତ୍ସବ ଭାବରେ ପାଳିତ ହୁଏ। ସେଗୁଡ଼ିକ 'ଦ୍ୱାଦଶ ଯାତ୍ରା' ନାମରେ ଅଭିହିତ। ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ନାନଯାତ୍ରାକୁ ପ୍ରଥମ ସ୍ଥାନ ଦିଆଯାଇଛି। ଏହି ଯାତ୍ରା ହେଉଛି ରଥଯାତ୍ରାର ପ୍ରାରମ୍ଭ ଉତ୍ସବ। ଏହି ଦ୍ୱାଦଶ ଯାତ୍ରାଗୁଡ଼ିକ ମଧ୍ୟରୁ, ସ୍ନାନଯାତ୍ରା (ଜ୍ୟେଷ୍ଠ ପୂର୍ଣ୍ଣିମା), ଶ୍ରୀଗୁଣ୍ଡିଚା (ଆଷାଢ଼ ଶୁକ୍ଳ ୨ୟା), କର୍କଟ ସଂକ୍ରାନ୍ତି (ଶ୍ରାବଣ କୃଷ୍ଣ ଦଶମୀ), ଶୟନ ଯାତ୍ରା(ଶ୍ରାବଣ ଶୁକ୍ଳ ଏକାଦଶୀ), ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା (ଭାଦ୍ରବ ଶୁକ୍ଳ ଏକାଦଶୀ), ଦେବୋତ୍ଥାପନ ଯାତ୍ରା (କାର୍ତ୍ତିକ ଶୁକ୍ଳ ଏକାଦଶୀ), ପ୍ରାବରଣ ଷଷ୍ଠୀଯାତ୍ରା (ପୌଷ ଶୁକ୍ଳ ଷଷ୍ଠୀ), ମକର ସଂକ୍ରାନ୍ତି(ମାଘ), ଦୋଳଯାତ୍ରା (ଫାଲ୍‌ଗୁନ ପୂର୍ଣ୍ଣିମା), ଦମନକ ଚତୁର୍ଦ୍ଦଶୀ ଯାତ୍ରା (ଦୟଣା ଚୋରୀ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଏବଂ ଅକ୍ଷୟ ତୃତୀୟା (ଚନ୍ଦନଯାତ୍ରା, ବୈଶାଖ ଶୁକ୍ଳ ତୃତୀୟା) ପ୍ରଭୃତି ଅନ୍ୟତମ।

## ସ୍ନାନ ଉତ୍ସବର ତାତ୍ପର୍ଯ୍ୟ ଓ ନୀତି

ଜ୍ୟେଷ୍ଠ ପୂର୍ଣ୍ଣମୀ ବା ସ୍ନାନପୂର୍ଣ୍ଣମୀର ପୂର୍ବଦିନ ଶ୍ରୀଜୀଉଙ୍କର ସଂଧ୍ୟାଧୂପ ପରେ ଶ୍ରୀବିଗ୍ରହଙ୍କ ମୁଖ ବସ୍ତ୍ରାଚ୍ଛାଦିତ ହୁଏ ଏବଂ ସ୍ନାନମଣ୍ଡପ ଯାତ୍ରା ପାଇଁ ରତ୍ନ ସିଂହାସନଠାରେ କୋଠ ସୁଆଁସିଆ ସେବକମାନଙ୍କ ଦ୍ୱାରା 'ଚାରମାଳ' ବାନ୍ଧିସାରି ବାହାରିବା ପରେ ଦଇତାପତିମାନେ ବାହୁଟକଣ୍ଠ ଓ ସେନାପଟା ଲାଗି ନିମନ୍ତେ ପ୍ରବେଶ କରନ୍ତି । ରାତ୍ରିରେ ବଡ଼ସିଂହାର ପରେ ପହୁଡ଼ ଆଳତି ବଢ଼ିବା ପରେ ପ୍ରଭୁଙ୍କର ନିଦ୍ରାଭଙ୍ଗ କରାଯାଇ ସ୍ନାନପୂର୍ଣ୍ଣିମା ବିଧି ଆରମ୍ଭ ହୁଏ । ପ୍ରତ୍ୟୁଷରୁ ପଟା, ବାହୁଟି, କାନୁଆସୀ, ଘୋଡ଼, ଶୁକ୍ଳଚାଦର, ମୁଠିମାଠ, କୁସୁମୀଚାଦର, ପତନି, ବୋଇରାଣୀ ଦ୍ୱାରା ବୀରବେଶରେ ସଜ୍ଜିତ ହୋଇଥାନ୍ତି ବିଗ୍ରହମାନେ । ଗ୍ରୀଷ୍ମ ଉତ୍ତାପର ଆତିଶଯ୍ୟରୁ ବିଗ୍ରହମାନଙ୍କୁ ରକ୍ଷା କରିବା ପାଇଁ ମଙ୍ଗଳାର୍ପଣ ବିଧି ପରେ ଦଇତାସେବକଙ୍କ ଦ୍ୱାରା ଠାକୁରମାନଙ୍କୁ ରତ୍ନସିଂହାସନରୁ ପହଣ୍ଡି କରି ନିଆଯାଏ ଆନନ୍ଦବଜାର ପରିସରସ୍ଥ ସ୍ନାନମଣ୍ଡପକୁ । ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ବାଡ଼ରେ, ପତିମହାପାତ୍ର ସୁଭଦ୍ରାଙ୍କ ବାଡ଼ରେ ଏବଂ ମୁଦିରସ୍ତ ବଡ଼ ଠାକୁରଙ୍କ ବାଡ଼ରେ ମଙ୍ଗଳାର୍ପଣ କରିଥାନ୍ତି । ମଙ୍ଗଳାର୍ପଣ ନୀତି ପରେ ଠାକୁରମାନଙ୍କ ଶ୍ରୀଅଙ୍ଗରେ ପାଟଡୋର ଲାଗି ହୁଏ । ଘଣ୍ଟ ଘଣ୍ଟା, କାହାଳୀ ବିଜେ, ଛତାର ଛତ୍ର ଧରନ୍ତି । ସର୍ବପ୍ରଥମେ ଶ୍ରୀସୁଦର୍ଶନ, ତାଙ୍କ ପଛକୁ ଶ୍ରୀବଳଭଦ୍ର, ତା'ପରେ ଦେବୀ ସୁଭଦ୍ରା ଶେଷରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଧାଡ଼ି ପହଣ୍ଡି ହୋଇ ସ୍ନାନବେଦୀକୁ ବିଜେ କରନ୍ତି । ତତ୍ପରେ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ମହାଜନ ସେବକମାନଙ୍କ ଦ୍ୱାରା ବିଜେ କରାଯାଏ । ଠାକରୁମାନଙ୍କ ପହଣ୍ଡିବିଜେ ବେଳେ ସାତପାହାଚ ଠାରେ ରାଘବ ଦାସ ମଠ ପ୍ରଦତ୍ତ 'ଟାହିଆ' ଓ 'ចୂଳ' ଠାକୁରମାନଙ୍କୁ ଲାଗି ହୋଇଥାଏ । ପହଣ୍ଡି କାର୍ଯ୍ୟ ସମାପନ ପରେ ତିନିଜଣ ପାଳିଆ ସେବାୟତ ତିନିବାଡ଼ରେ ଆଳତି ବଢ଼ାନ୍ତି । ପରେ ପରେ ଅବକାଶ ପାଣି ପଡ଼େ ଓ ଠାକୁରମାନଙ୍କ ତଡ଼ପ ଉତୁରୀ ମଇଲମ ହୋଇଥାଏ । ପିଢ଼ା, ଖଟୁଲି, ରୁପାପିଙ୍ଗଣ, ରୁପାଗରା, ସୁନା ଜିଭଛେଲା, ଦାନ୍ତକାଠି, ସୁବାସିତ ଫୁଲ, ଦହି, କର୍ପୂର ଯଥାସ୍ଥାନରେ ମୁଖ ପଖାଳ ସେବକ ଥୋଇବା ପରେ ଦତ୍ତ ମହାପାତ୍ରମାନେ ଶୁକ୍ଳ ବସ୍ତ୍ର କର୍ପୂର ଜଳରେ ଶ୍ରୀମୁଖକୁ ପୋଛି ଦିଅନ୍ତି । ଏହାପରେ ପାଳିଆ ପଣ୍ଡା ହୋମ କରିବା ପରେ ପ୍ରଭୁଙ୍କ ମଣୋହି ଦ୍ରବ୍ୟ ରନ୍ଧନ ହୁଏ । ପ୍ରତିହାରୀମାନେ ସ୍ନାନବେଦୀ ଚତୁଃପାର୍ଶ୍ୱରେ ଟେରା ବାନ୍ଧିବା ପରେ ସୁଆରବଡୁ ପାଣି ପକାଇ



ସ୍ନାନବେଦୀ ପରିଷ୍କାର କରନ୍ତି। ପତ୍ରୀବଡୁ ସ୍ନାନବେଦୀ ସିଂହାସନ ଉପରେ ପୂଜା ଠା' କରିଥାନ୍ତି। ଏହାପରେ ପ୍ରଭୁମାନେ ବୋଇରାଣୀ ସଜ ଲାଗି ହୋଇଥାନ୍ତି। ହସ୍ତରେ ଚଣାଫୁଟା, ଅଧରରେ ମାଳ, ଗୁଣା, ଝୁମ୍ପା ଆଦିରେ ବେଶ ବଢ଼ାଯାଏ। ତପ୍ରେ ସ୍ନାନବିଧି ନୀତି ଆରମ୍ଭ ହୁଏ। ପ୍ରତିହାରୀ ସେବକମାନେ ଜଳ ବିଜେ କରିବା ପାଇଁ ହାତରେ ଯୋଡ଼ିବେତ ଧରି ଡାକିଯିବା ପରେ ଗରାବଡୁ ସେବକମାନେ ମୁହଁରେ ଗାମୁଛା ଦେଇ ତୁଣ୍ଡିବାନ୍ଧି ଜଳବିଜେ ପାଇଁ ପ୍ରସ୍ତୁତ ହୁଅନ୍ତି। ଜଳବିଜେ ସମୟରେ କାହାଳିଆ, ଘଣ୍ଟୁଆ, ଛତାର ପ୍ରମୁଖ ଉପସ୍ଥିତ ଥାଆନ୍ତି। ଏହି ସ୍ନାନଜଳକୁ ଷୋଡ଼ଶ ଉପଚାରରେ ପୂଜା କରାଯାଇ ସେହି ପବିତ୍ର ଜଳରେ ପ୍ରଭୁଙ୍କୁ ସ୍ନାନ କରାଯାଏ। ସ୍ନାନଜଳ ପୂଜା ବଢ଼ିବା ପରେ ଧୂପ, ଦୀପ, ଦିଆଯାଇ ଅର୍ଚ୍ଚନା ହୋଇଥାଏ। ଗରାବଡୁମାନେ ୧୦୮ ସ୍ନାନଜଳ ଥିବା ୧୦୮ ଗଡୁ(କୁମ୍ଭ) ଉପରୁ ନଡ଼ିଆ ଓ କରିଆମାନ କାଢ଼ିବା ପରେ ପୂଜାର ଶଙ୍ଖ ପାଣି ୧୦୮ ଗଡୁରେ ପଡ଼େ। ତପ୍ରେ ଗରାବଡୁମାନେ ଏହି ଗଡୁଗୁଡ଼ିକ ଠାକୁରଙ୍କ ନିକଟକୁ ଯିବା ପରେ ମେକାପ ସେବକମାନେ ତାହା ରୁପା ପିଙ୍ଗଣରେ ଢାଳି ବଢ଼ାଇ ଦିଅନ୍ତି। ପୂଜାପଣ୍ଡା, ପୁଷ୍ପାଳକ ଓ ଦଇତାପତିମାନେ ପ୍ରଭୁଙ୍କ ଉପରେ ସେହି ଜଳକୁ ଢାଳି ଦିଅନ୍ତି। 'ପଦ୍ମପୁରାଣ' କହେ, ଶ୍ରୀଜୀଉଙ୍କର ମହାସ୍ନାନ ଦର୍ଶନ ନିମନ୍ତେ ଆକାଶରେ ଦେବଗଣ ଉପସ୍ଥିତ ରହି ପୁଷ୍ପବୃଷ୍ଟି ସ୍ୱରୂପ ଜଳବିନ୍ଦୁ ବର୍ଷଣ କରନ୍ତି।







## ଶ୍ରୀଜୀଉଙ୍କ ହାତୀବେଶ

ସ୍ନାନପୂର୍ଣ୍ଣିମାର ବିଶେଷତ୍ୱ ହେଲା ସ୍ନାନମଣ୍ଡପରେ ଶ୍ରୀଜୀଉମାନଙ୍କର ହାତୀ ବା ଗଜାନନ ବେଶ। ଏହି ବେଶରେ ଶ୍ରୀବଳଭଦ୍ରଙ୍କର ଧବଳବର୍ଣ୍ଣ ଓ ଶ୍ରୀଜଗନ୍ନାଥଙ୍କର କୃଷ୍ଣ (କଳା) ବର୍ଣ୍ଣର ଗଜାନନ ବେଶ ଅନୁଷ୍ଠିତ ହୋଇଥାଏ। ମାତ୍ର ଦେବୀ ସୁଭଦ୍ରା ଏହି ବେଶ ନ ହୋଇ ଅନ୍ୟ ଆଭୂଷଣରେ ଅଳଙ୍କୃତ ହୋଇଥାନ୍ତି। ପରଂପରା ଅନୁଯାୟୀ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ଦୁଇଟି ମଠ 'ରାଘବଦାସ ମଠ' ଓ 'ଗୋପାଳତୀର୍ଥ ମଠ' ଏହି ବେଶ ଉପକରଣ ଯୋଗାଇଥାନ୍ତି। ମହାପ୍ରଭୁଙ୍କର ଏହି ବେଶକୁ ଭିତରଛୁ, ତଳୁଛ, ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ଆଦି ପ୍ରମୁଖ ସେବକମାନେ ସମ୍ପାଦନ କରିଥାନ୍ତି। ଏହି ବେଶ ଥାଇ ମହାପ୍ରଭୁଙ୍କ ସାହାଣମେଲା ଦର୍ଶନ ଅନୁଷ୍ଠିତ ହୋଇ ଲକ୍ଷାଧିକ ଭକ୍ତ ଦର୍ଶନ ଲାଭ କରି କୃତାର୍ଥ ମଣିଥାନ୍ତି। ରାମ ଦାସଙ୍କ 'ଦାର୍ଢ୍ୟତା ଭକ୍ତି'ରେ ଏହି ବେଶ ସମ୍ପର୍କରେ ବର୍ଣ୍ଣନା ଅଛି।

କାରିଗରମାନେ ଅକ୍ଷୟ ତୃତୀୟାଠାରୁ ହବିଷ କରି ଏହି କାର୍ଯ୍ୟ ଆରମ୍ଭ କରିଥାନ୍ତି। ହାଣ୍ଡିଆ, ତରାସ, ପାକୁଡ଼ା, ଛତି, ଆଡ଼କାନି, ଚନ୍ଦ୍ରସୂର୍ଯ୍ୟ, ଦୁଇଟି କାନ, ଫୋଡ଼, ଅଧର, ଦାନ୍ତ, ଚିତା, ନାକଚଣା ଏବଂ ତିଳକ ଆଦି ଶ୍ରୀଜଗନ୍ନାଥ ଓ ବଳଭଦ୍ର ମହାପ୍ରଭୁଙ୍କର ହାତୀ ବେଶରେ ଲାଗିଥାଏ। ତରାସ, ଛତି, ତଡ଼କି, ଚିତା, ନାକଚଣା ଆଦି ଆଭୂଷଣ ଦେବୀ ସୁଭଦ୍ରାଙ୍କୁ ଲାଗି ହେଉଥିବା ବେଳେ ଶ୍ରୀସୁଦର୍ଶନଙ୍କୁ କେବଳ ଫୁଲ, ଚୂଳ, ନୀଳଚକ୍ର ଆଦି ଲାଗି ହୋଇଥାଏ। ଏହି ବେଶ ଲାଗି ବିଭିନ୍ନ ପ୍ରକାରର ଭେଲଭେଟ୍, ସାଧା ଓ ସିଲିକ୍ କନା, ଜରି, ସୋଲ, କଦଳୀ ପଟୁକା, ଜମ୍ମୁରା, କଇଁଥ ଅଠା ଆଦି ସାମଗ୍ରୀ ଲାଗିଥାଏ। ଧଳା, କଳା, ନାଲି, ହଳଦିଆ ଓ ନେଳି ରଙ୍ଗର ପ୍ରାୟ ୨୦ରୁ ୩୦ମିଟର କନା ଆବଶ୍ୟକ ହୋଇଥାଏ। ଗଜବେଶର ମୁଖ୍ୟ ହେଉଛି ହାଣ୍ଡିଆ(ହାତୀମୁଣ୍ଡ)। ଏହା ମୁଣ୍ଡରେ ଲାଗିବା ପରେ ଗଜ ମୁଖ ଭଳି ଦିଶିଥାଏ। ହାଣ୍ଡିଆକୁ ସୋଲ ଖଚିତ ବିଭିନ୍ନ ସାମଗ୍ରୀ ଲଗାଇ ସୁନ୍ଦର କରାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ହାଣ୍ଡିଆରେ ଛୋଟବଡ଼ ହୋଇ ୧୧ଟି ତରାସ ଲାଗୁଥିଲା ବେଳେ ବଳଭଦ୍ରଙ୍କ ହାଣ୍ଡିଆରେ ୯ଟି ତରାସ ଲାଗିଥାଏ। ଶ୍ରୀମନ୍ଦିରରୁ ଘଣ୍ଟ, ଓଲାର, କାହାଳୀ, ବଜନ୍ତରୀ ପ୍ରମୁଖ ମଠରେ ପହଞ୍ଚିବା ପରେ ବଡ଼ ତାଟରେ ବେଶ ସାମଗ୍ରୀଗୁଡ଼ିକ ରଖାଯାଇ ପଣା ଭୋଗ କରାଯାଏ। ଏହାପରେ ସେସବୁ ଶ୍ରୀମନ୍ଦିରକୁ ଯିବାର ବିଧି ରହିଛି। ସ୍ନାନବେଦୀରେ ମହାପ୍ରଭୁଙ୍କର ସ୍ନାନ ଓ ଛେରାପହଁରା ନୀତି ସମ୍ପନ୍ନ ହେବା ପରେ ଗଜାନନ ବେଶ ଅନୁଷ୍ଠିତ ହୋଇଥାଏ।





## ସୁନାକୂଅର ବିଶେଷତ୍ୱ

ଜନଶ୍ରୁତି ଅନୁଯାୟୀ, ସ୍ନାନ ଉତ୍ସବରେ ବ୍ୟବହୃତ ଜଳ ଅତୀତରେ ଭାରତବର୍ଷର ସବୁ ତୀର୍ଥମାନଙ୍କରୁ ଆସି ସୁବର୍ଣ୍ଣପାତ୍ରରେ ରଖି ଶ୍ରୀମନ୍ଦିରର ବାହାର ବେଢ଼ା ବା ଉତ୍ତରଦ୍ୱାର ସନ୍ନିକଟ ମା' ଶୀତଳାଙ୍କ ନିକଟରେ ଥିବା ସୁନାକୂଅରେ ବୁଡ଼ାଇ ରଖାଯାଉଥିଲା। ତେଣୁ ପ୍ରତି ସ୍ନାନପୂର୍ଣ୍ଣିମା ପୂର୍ବଦିନ ଏହି କୂଅର ଢାଙ୍କୁଣୀ ଖୋଲାଯାଏ ଏବଂ ସୁନାଗୋସାଇଁ ଓ ମୁଦିରସ୍ତ ସେବକ ସୁନାକୂଅରୁ ୧୦୮ ଗରା ପାଣି ଆଣି ଜଳ ଅଧିବାସ ଘରେ ରଖନ୍ତି। ତା'ପରେ ଏହି ଜଳରେ କର୍ପୂର, ଚୁଆ, ଚନ୍ଦନ ଆଦି ସୁବାସିତ ଦ୍ରବ୍ୟମାନ ମିଶାଇ ଅଧିବାସ କରାଯାଏ। ସ୍ନାନପୂର୍ଣ୍ଣିମା ଦିନ ପ୍ରଭୁମାନଙ୍କୁ ଏହି ଜଳରେ ସ୍ନାନ କରାଯାଏ। ଏହି କୂଅର ନାମ ସୁନାକୂଅ ବୋଲି କଥିତ ଅଛି। ଏହି କୂଅଟି ୫୦ ଫୁଟରୁ ଅଧିକ ଗଭୀର ଓ ଗୋଲାକୃତି। କୂଅର ଚାନ୍ଦିନୀଟି ସଦାସର୍ବଦା ଗୋଟିଏ ଚତୁଷ୍କୋଣୀ ସିମେଣ୍ଟ ଚାଦର ଦ୍ୱାରା ଢଙ୍କା ହୋଇଥାଏ। କାରଣ ଏଇ କୂଅର ପାଣି କେବଳ ପ୍ରଭୁଙ୍କ ସ୍ନାନ ଉତ୍ସବ ପାଇଁ ହିଁ ବର୍ଷରେ ମାତ୍ର ଥରକ ପାଇଁ ବ୍ୟବହୃତ ହୁଏ। ସ୍ନାନପୂର୍ଣ୍ଣିମାର ପୂର୍ବଦିନ ଅର୍ଥାତ୍ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ସୁନାକୂଅର ଘୋଡ଼ଣୀ ଖୋଲାଯାଏ। କାରଣ ସ୍ନାନପୂର୍ଣ୍ଣିମା ପୂର୍ବରୁ କୂଅଟିକୁ ଉଝାଳିବା ମଧ୍ୟ ଗୋଟିଏ ପରମ୍ପରା ରହିଛି। ଉଝାଳିବା ଦାୟିତ୍ୱ ମଧ୍ୟ ଦୟଣାମାଳି ନାମକ ନିର୍ଦ୍ଦିଷ୍ଟ ସେବାୟତମାନଙ୍କ ଉପରେ ନ୍ୟସ୍ତ ରହିଛି। ଉଝାଳିବା ଦ୍ୱାରା ସୁନାକୂଅ ଜଳଶୂନ୍ୟ ହୋଇଥିଲେ ବି ପୂର୍ଣ୍ଣମୀଦିନ କୂଅରେ ପର୍ଯ୍ୟାପ୍ତ ପାଣି ଝରିଯାଏ। ଏହି ପାଣିରେ ବିଗ୍ରହମାନଙ୍କର ସ୍ନାନରୀତି ସାଧାରଣତଃ ପୂର୍ବାହ୍ନରେ ସମ୍ପନ୍ନ ହୁଏ। ଏହି କୂଅଟି ଶୀତଳାଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ। ସତେ ଯେପରି ଏହି କୂଅକୁ ବର୍ଷସାରା ସିଂହ ହିଁ ସୁରକ୍ଷିତ ରଖିଥାଏ। ବୈଦିକ ଯଜ୍ଞ ପରଂପରାରେ ଏହି କୂଅକୁ 'ପ୍ରଣୀତା କୂପ' ମଧ୍ୟ କୁହାଯାଇଥାଏ।

## କିମ୍ବଦନ୍ତୀରେ ହାତୀବେଶ

ସପ୍ତଦଶ ଶତାବ୍ଦୀର କଥା। କଥିତ ଅଛି ଯେ, ମହାରାଷ୍ଟ୍ରର ଗଣପତି ଭଟ୍ଟ ଯେ କି, ଗଣେଶ ଦେବତାଙ୍କର ପରମ ଭକ୍ତ, ସେ ଏକଦା ପୁରୀ ଆସିଥିଲେ। ତାଙ୍କର ପାଣ୍ଡିତ୍ୟ ବା ବାଗ୍ମିତା ପାଇଁ ସେ ରାଜାଙ୍କ ଦ୍ୱାରା ସମ୍ମାନିତ ହେଲେ। ରାଜା ତାଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଅନୁରୋଧ କଲେ। ଯୋଗକୁ ସେଦିନ ସ୍ନାନପୂର୍ଣ୍ଣମୀ ହୋଇଥିଲା। ଭଟ୍ଟ ମହାଶୟ ସ୍ନାନବେଦୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଗଣେଶଙ୍କର ରୂପଲାବଣ୍ୟ ଦୃଶ୍ୟରୁ ବଞ୍ଚିତ ହୋଇ, ନିରାଶ ହୋଇ କ୍ଷୋଭରେ ବାହୁଡ଼ିଗଲେ। କିନ୍ତୁ ବାଟରେ ଶୂନ୍ୟବାଣୀ ଶୁଣି ସେ ଫେରି ଆସି ଦେଖନ୍ତି ଯେ, ସ୍ନାନବେଦୀ ଉପରେ ବିରାଜିତ ଥିବା ବିଗ୍ରହମାନେ ଆଉ କେହି ନୁହଁନ୍ତି, ତାଙ୍କର ଚିର ଆରାଧ୍ୟ ଦେବତା ସେହି ଗଜାନନ। ପ୍ରିୟମ୍ବଦ ନାମକ ଆଉ ଜଣେ ଗାଣପତ୍ୟ ଭକ୍ତଙ୍କୁ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନପୂର୍ଣ୍ଣିମା ଦିନ ଗଣେଶ(ହସ୍ତୀ) ବେଶରେ ଦର୍ଶନ ଦେଇ, ଦେବସ୍ନାନ ପୂର୍ଣ୍ଣିମାରେ ସବୁବର୍ଷ ତାଙ୍କର 'ହାତୀବେଶ' ହେବ ବୋଲି ବଡ଼ପଣ୍ଡାଙ୍କୁ ସ୍ୱପ୍ନାଦେଶ ଦେଇଥିଲେ ବୋଲି ପ୍ରବାଦ ଅଛି। ସେହିଦିନଠାରୁ ଏହାର ସ୍ମାରକୀ ରୂପେ ପ୍ରତିବର୍ଷ ସ୍ନାନମଣ୍ଡପରେ ପ୍ରଭୁଙ୍କର ଏହି ହାତୀବେଶକୁ ଭକ୍ତମାନେ ଦର୍ଶନ କରି ଆସୁଛନ୍ତି। ଗଣଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଗଣନାଥ ବେଶ- ଗଣବନ୍ଦିତ, ପୂଜିତ ମହିମାନ୍ୱିତ।

ବର୍ଷର ଅନ୍ୟସବୁ ସମୟରେ ପ୍ରତ୍ୟହ ଶ୍ରୀଜୀଉମାନଙ୍କର ସ୍ନାନ




ସମ୍ପାଦିତ ହୁଏ ପରୋକ୍ଷ ଭାବରେ ଦର୍ପଣ ସାହାଯ୍ୟରେ। ଏହାକୁ କୁହାଯାଏ 'ବିମ୍ବସ୍ନାନ'। ମାତ୍ର କେବଳ ବର୍ଷକୁ ଥରେ ହୁଏ ପ୍ରତ୍ୟକ୍ଷ ସ୍ନାନ ଏହି ସ୍ନାନବେଦୀ ଉପରେ। କିମ୍ବଦନ୍ତୀ ଯୋଗୁଁ ହେଉ, ତତ୍ତ୍ୱ ଯୋଗୁଁ ହେଉ ବା ଭାବ ଯୋଗୁଁ ହେଉ, ଦାରୁବ୍ରହ୍ମଙ୍କର ଏ ସ୍ନାନଉତ୍ସବ ଏକ ଦୁର୍ଲ୍ଲଭ ଲୀଳା। ସ୍ନାନ ମଣ୍ଡପରେ

ଶ୍ରୀଜଗନ୍ନାଥଙ୍କୁ ଭାଇ, ଭଉଣୀ ଓ ସୁଦର୍ଶନଙ୍କ ସହ ଦର୍ଶନ କଲେ ମହାପାପରୁ ମୁକ୍ତି ମିଳେ ବୋଲି କଥିତ ଅଛି। ଜ୍ୟେଷ୍ଠମାସର ପୂର୍ଣ୍ଣିମାରେ ଏହି ଯାତ୍ରାଟି ପଡୁଥିବାରୁ ସବୁ ଯାତ୍ରା ମଧ୍ୟରେ ଏହା ଶ୍ରେଷ୍ଠ ଓ ପବିତ୍ର ବୋଲି କୁହାଯାଏ। ଶ୍ରୀଜଗନ୍ନାଥଙ୍କ ବାର୍ଷିକ ଯାନିଯାତ୍ରା କାର୍ଯ୍ୟକ୍ରମ ସ୍ନାନପୂର୍ଣ୍ଣିମାଠାରୁ ହିଁ ଆରମ୍ଭ ହୋଇଥାଏ। ବୈଶାଖ ଜ୍ୟେଷ୍ଠ ପୂର୍ଣ୍ଣିମା ଓଡ଼ିଆ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଶ୍ରୀଜଗନ୍ନାଥ କେବଳ ବ୍ରହ୍ମ କି ବ୍ରହ୍ମାଣ୍ଡର ଠାକୁର ନୁହଁନ୍ତି, ସେ ପ୍ରେମ, ଭକ୍ତି ଓ ହୃଦୟର ଠାକୁର ବୋଲି ସ୍ନାନଯାତ୍ରା ପ୍ରମାଣ କରେ। ସ୍ନାନ ଯାତ୍ରା ବଡ଼ ଠାକୁରଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଦୃଷ୍ଟାନ୍ତ ବୋଲି ବୁଝିବାକୁ ପଡ଼େ। ■

ସମ୍ପାଦକ -'ଅଭିନନ୍ଦନିକା'
ସେନାପତି ଭବନ, ବଡ଼ଦାଣ୍ଡ, ପୁରୀ-୧, ମୋ: ୯୩୩୮୧୯୪୪୦୦

# ଶାବର ଶ୍ରୀକ୍ଷେତ୍ରରେ ସ୍ନାନ ପୂର୍ଣ୍ଣିମା





ରବି ଶତପଥୀ

ଶ୍ରୀକ୍ଷେତ୍ର ପୁରୀ ପରି କୋରାପୁଟର ଶାବର ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ଓ ଅନବସର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି କ୍ଷେତ୍ରରେ ଠାକୁରଙ୍କର ବିଭିନ୍ନ ସେବାରେ ଶବରଙ୍କ ଏକାନ୍ତ ନିୟୋଜନ ହେଲେହେଁ, ସେମାନଙ୍କ ପରମାରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଏହି ପଞ୍ଚଦଶ ଦିବସ ଶବରଙ୍କ ନିଭୃତ ସେବା ଲାଭ ରହନ୍ତି। ସ୍ନାନଯାତ୍ରା ଦିନ ସ୍ୱର୍ଣ୍ଣକୂପରୁ ଆନୀତ ୧୦୮ କୁମ୍ଭ ମଧ୍ୟରୁ ଶ୍ରୀଜଗନ୍ନାଥ ୩୫ କୁମ୍ଭ, ବଳଭଦ୍ର ୩୩, ସୁଭଦ୍ରା ୨୨ ଓ ସୁଦର୍ଶନ ୧୮ କୁମ୍ଭ ଜଳରେ ଅଭିଷେକ ହୁଅନ୍ତି। ତତ୍‌ସଙ୍ଗେ ସଙ୍ଗେ ଶବର ପଲ୍ଲୀମାନଙ୍କରୁ ଗ୍ରାମମୁଖ୍ୟମାନେ ଆଣିଥିବା ନଦନଦୀ ଝରଣାର ସୁନିର୍ମଳ ଜଳ କୁମ୍ଭରେ ଚତୁର୍ଦ୍ଧା ମୂରତି ସ୍ନାନ କରନ୍ତି। ତା'ପରେ ଶ୍ରୀବିଗ୍ରହମାନେ ହସ୍ତୀବେଶ ଧାରଣ କରି ସାରାଦିନ ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦିଅନ୍ତି। ସ୍ନାନମଣ୍ଡପ ଚତୁଃପାର୍ଶ୍ୱରେ ଅଗଣିତ ଭକ୍ତଙ୍କ ସମାବେଶ ହୁଏ। ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ପୋଷାକ ପରିହିତ ହୋଇ ଫଳପୁଷ୍ପ ନେଇ ଠାକୁରଙ୍କୁ ନିବେଦନ କରନ୍ତି। ରାତ୍ରିର ନିଭୃତ ପ୍ରହରରେ ବ୍ରାହ୍ମଣ ପୂଜକ ଠାକୁରଙ୍କୁ ଆଦିବାସୀ ପୂଜକଙ୍କ ହସ୍ତରେ ସମର୍ପଣ କରନ୍ତି। ମନ୍ଦିରରେ ଏଥିପାଇଁ ଜଣେ ଆଦିବାସୀ ପୂଜକ (ଦିଶାରୀ) ଅଛନ୍ତି। ସେ ତାଙ୍କ ଅନୁଗାମୀଙ୍କ ସହିତ ଠାକୁରଙ୍କୁ ଗ୍ରହଣ କରି ଆପଣା ରୀତିରେ ଠାକୁରଙ୍କ ସେବା କରିବାର ସଂକଳ୍ପ କରି ଅଣସର ଘରକୁ ନିଅନ୍ତି। ସେଠାରେ ତାଙ୍କର ପାରମ୍ପରିକ ବିଧିରେ ପ୍ରତିଦିନ ଠାକୁରଙ୍କ ସେବା କାର୍ଯ୍ୟ ହୁଏ। ସ୍ନାନକରି, ହଳଦୀ ମାଖି, ସିନ୍ଦୂର ଲଗାଇ ବିଭିନ୍ନ ଫଳମୂଳ କନ୍ଦା ଭୋଗ ଲାଗି କରନ୍ତି। ଭକ୍ତବତ୍ସଳ ଭାବଗ୍ରାହୀ ଆପଣାର ଅତି ପ୍ରିୟଲୋକଙ୍କ ମାଧୁର୍ଯ୍ୟ ସେବା ଗ୍ରହଣ କରନ୍ତି।

ଶ୍ରୀକ୍ଷେତ୍ର ପରି ଶାବର ଶ୍ରୀକ୍ଷେତ୍ରର ମହିମା ଅତୁଳନୀୟ। କାରଣ ଶବର ଅଧ୍ୟୁଷିତ ଏ ଭୂଇଁରେ ଶବରଙ୍କର ପରମାରାଧ୍ୟ ମହାପ୍ରଭୁ ଶବରର ନିଭୃତ ଅନନ୍ୟ ସେବା ଲାଭ କରନ୍ତି। ପରମପ୍ରିୟ ଶବର ସେବକଙ୍କ ସହ ତାଙ୍କର ଏହି ଲୀଳା ମାଧୁର୍ଯ୍ୟ ମଣ୍ଡିତ ହୁଏ। ଏହି କ୍ଷେତ୍ରରେ ଠାକୁରେ ବିଜେ କଲା ଦିନୁଁ ଶବରଙ୍କ ସହିତ ତାଙ୍କର ସମ୍ପର୍କ ନିବିଡ଼ରୁ ନିବିଡ଼ତର ହୋଇଛି।

ଶାବର ଶ୍ରୀକ୍ଷେତ୍ରରେ ଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ସହିତ ନୀଳାଦ୍ରି ମହୋଦୟକୁ ମିଶାଇ ତ୍ରୟୋଦଶ ଯାତ୍ରା ହୁଏ। ଦ୍ୱାଦଶ ଯାତ୍ରା ମଧ୍ୟରେ ସ୍ନାନ ଯାତ୍ରା ଅନ୍ୟତମ। ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ରୂପେ ସୁବିଦିତ। ଏହି ଦିନ ଜଗନ୍ନାଥ ମହାପ୍ରଭୁଙ୍କର ପବିତ୍ର ସ୍ନାନୋତ୍ସବ ଅନୁଷ୍ଠିତ ହୁଏ।

ସାଧାରଣ ଭକ୍ତମାନଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବା ପାଇଁ ମହାପ୍ରଭୁଙ୍କର ଏହି ଯାତ୍ରା ଅନୁଷ୍ଠିତ ହୁଏ। ପତିତମାନଙ୍କ ଗହଣରେ ଉଭା ହୋଇ ସେମାନଙ୍କୁ ଉଦ୍ଧାର କରିବାର ବିଶ୍ୱାସ ଭରିଦେବା ଯାତ୍ରାର ଉଦ୍ଦେଶ୍ୟ। ଅତଏବ ଯାତ୍ରା କାଳରେ ପୁରୁଷୋତ୍ତମ ଜଗନ୍ନାଥ ସାଧାରଣ ଜନତା ମଧ୍ୟରେ ଉଭା ହୁଅନ୍ତି। କିନ୍ତୁ ପ୍ରଧାନତଃ ଦୁଇଟି ଯାତ୍ରା ଯଥା ସ୍ନାନ ଓ ରଥଯାତ୍ରା କାଳରେ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ରତ୍ନ ସିଂହାସନରୁ ଓହ୍ଲାଇ ଆସି ସ୍ନାନ ମଣ୍ଡପ ଓ ଗୁଣ୍ଡିଚା ମନ୍ଦିରରେ ଉଭା ହୁଅନ୍ତି, ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ। ତେଣୁ ଏହି ଦୁଇ ଯାତ୍ରାକୁ ଠାକୁରଙ୍କର ଉଭାଯାତ୍ରା କୁହାଯାଏ।

'ବ୍ରହ୍ମପୁରାଣ', 'ସ୍କନ୍ଦପୁରାଣ' ଆଦିରେ ଅତି ପବିତ୍ର ଯାତ୍ରାରୂପେ ସ୍ନାନ ଯାତ୍ରାର ଉଲ୍ଲେଖ ଅଛି। ଠାକୁରଙ୍କର ଦୈନିକ ସ୍ନାନ ହୁଏ। ଏହି ଅବକାଶ ରୀତିର ଅନ୍ତର୍ଗତ। କିନ୍ତୁ ସ୍ନାନ ପୂର୍ଣ୍ଣିମାର ପବିତ୍ର ସ୍ନାନ ଅତିଶୟ ତାତ୍ପର୍ଯ୍ୟପୂର୍ଣ୍ଣ। ନିତ୍ୟ ନୈମିତ୍ତିକ ସ୍ନାନ ଏକ ଉପଚାର। ସ୍ନାନ ପରେ ଧୂପଦୀପ ନୈବେଦ୍ୟାଦି ହୁଏ। କିନ୍ତୁ ସ୍ନାନୋତ୍ସବ କାଳରେ ଧୂପଦୀପାଦି ଉପଚାର ପରେ ସ୍ନାନ ସମର୍ପିତ ହୁଏ। ଶ୍ରୀକ୍ଷେତ୍ର ପରି ଶାବର ଶ୍ରୀକ୍ଷେତ୍ରରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ବାର୍ଷିକ ଯାତ୍ରାମାନଙ୍କ ମଧ୍ୟରେ ସ୍ନାନଯାତ୍ରାକୁ ଆଦ୍ୟ ଯାତ୍ରା ରୂପେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଜ୍ୟେଷ୍ଠ ଶୁକ୍ଳ ଦଶମୀଠାରୁ ସକଳ ତୀର୍ଥର ଜଳ ଆସି ସୁବର୍ଣ୍ଣ କୂପରେ ସମବେତ ହୁଅନ୍ତି ବୋଲି ଲୋକଙ୍କର ବିଶ୍ୱାସ। ପ୍ରଣୀତୋଦକ ପୂର୍ଣ୍ଣ ଏହି ସୁବର୍ଣ୍ଣ କୂପରୁ ସେବକମାନେ ୧୦୮ ଗୋଟି କଳସ ପୂର୍ଣ୍ଣ ଜଳ ନେଇ ସ୍ନାନ ମଣ୍ଡପସ୍ଥ ପିଣ୍ଡି ଉପରେ କ୍ରମାନ୍ୱୟରେ ରଖିଥାନ୍ତି। ଚତୁର୍ଦ୍ଧା ମୂର୍ତ୍ତି ଆଡ଼ମ୍ବରରେ ଆସି ସ୍ନାନ ମଣ୍ଡପରେ ବିଜେ କରିଥାନ୍ତି। ଦେବସ୍ନାନ ନିମିତ୍ତ ସୁବର୍ଣ୍ଣ କୂପରୁ ଆନୀତ ଅଧିବାସିତ ଜଳ ଅତି ଯତ୍ନର ସହିତ ନେବାକୁ ଶାସ୍ତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ସ୍ନାନ ବେଦୀରେ ଅଧିଷ୍ଠିତ ବିଶ୍ୱତୋମୁଖ ଜଗନ୍ନାଥଙ୍କୁ ପୂଜକାଚାର୍ଯ୍ୟମାନେ ଯଜ୍ଞସ୍ୱରୂପ କଳ୍ପନା କରନ୍ତି। ଷୋଡ଼ଶୋପଚାରରେ ଅର୍ଚ୍ଚନା କରନ୍ତି। ସ୍ନାନ ପରେ ଶ୍ରୀଜଗନ୍ନାଥାଦି ବିଗ୍ରହ ସକଳ ଗଣପତି ଭଟ୍ଟଙ୍କର ପ୍ରବର୍ତ୍ତିତ ଶ୍ରୀଗଣେଶ ବେଶ ଧାରଣ କରନ୍ତି।

ସ୍ନାନମହୋତ୍ସବ ଦର୍ଶନ ନିମନ୍ତେ ଦେବତାମାନେ ମଧ୍ୟ ଉତ୍କଣ୍ଠିତ ହୋଇଥାନ୍ତି। ସ୍ନାନୋଦକର ପବିତ୍ର ସଂସ୍ପର୍ଶରେ ତ୍ରିଭୁବନର ମହାନ କଲ୍ୟାଣ ସାଧିତ ହୁଏ। ସାଧାରଣ ମଣିଷ ପାଇଁ ଏହି ଉତ୍ସବର ମାହାତ୍ମ୍ୟ ଅତୁଳନୀୟ। ସ୍ନାନୋଦକରୁ ବିନ୍ଦୁଟିଏ ମାତ୍ର ଶିରଦେଶରେ ପଡ଼ିଲେ ସର୍ବତୀର୍ଥର ଫଳପ୍ରାପ୍ତି ହୁଏ। ଏହି ଯାତ୍ରା ଦର୍ଶନରେ ଦ୍ୱାଦଶ ଯାତ୍ରାର ଫଳ ବହୁ ଗୁଣିତ ହୁଏ ବୋଲି 'ବ୍ରହ୍ମପୁରାଣ' କହନ୍ତି।

ସ୍ନାନ ଯାତ୍ରା ପରେ ଠାକୁରେ ସ୍ନାନବେଦୀରୁ ଆଉ ରତ୍ନସିଂହାସନକୁ ନଯାଇ ଅଣସର ଘରେ ପ୍ରବେଶ କରନ୍ତି। ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ଅନବସର କୁହାଯାଏ। ଦାରୁ-ବ୍ରହ୍ମ ଜଗନ୍ନାଥଙ୍କର ଅନବସର ଅନ୍ୟତମ ଲୀଳା। ସ୍ନାନ ଯାତ୍ରାର ସ୍ନାନ ଅନ୍ତେ ସେ କିତୁଙ୍ଗ୍ ହୋଇ ଯାଆନ୍ତି ଏବଂ ଶବରର ପରମାରାଧ୍ୟ ଦେବତା ରୂପେ ପଞ୍ଚଦଶ ଦିବସ ବ୍ୟାପୀ ସେମାନଙ୍କର ସେବା ଗ୍ରହଣ କରନ୍ତି। ଅନ୍ୟ ସମସ୍ତ ଦିବସରେ ଆର୍ଯ୍ୟରୀତିରେ ତାଙ୍କରି ପୂଜା ହେଉଥିଲେ ହେଁ ସ୍ନାନ ପୂର୍ଣ୍ଣିମାଠାରୁ ଉଭା ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ଶ୍ରୀବିଗ୍ରହ ଆର୍ଯ୍ୟ ପୂଜାରୁ ଅବସର ମିଳେ। ବାହାରକୁ ଅବସର ହେଲେ ହେଁ ଭିତରେ ଗୁପ୍ତପୂଜା ଚାଲେ। ଏପରି ଗୁପ୍ତପୂଜା କାଳରେ ଅନ୍ୟମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୁଅନ୍ତି। ପନ୍ଦର ଦିନ ଅନ୍ତେ ଯଥାସମୟରେ ଠାକୁରଙ୍କୁ ନବଯୌବନ ଦର୍ଶନ ନିମନ୍ତେ ପୁନରପି ପ୍ରସ୍ତୁତ କରିଦିଆଯାଏ। ଏହାପରେ ଆସିଯାଏ ପ୍ରଭୁଙ୍କର ଘୋଷଯାତ୍ରା। ପ୍ରଭୁ ରଥରେ ବିଜେ ହୁଅନ୍ତି। ■





ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ସମ୍ପର୍କ: ୯୪୩୭୭୮୪୮୫୯







# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା

**ମନୋଜ ପଣ୍ଡା**, ବାରିପଦା

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀହରି ବଳଦେବ ବିଜେ ମହାପ୍ରଭୁଙ୍କ ସ୍ନାନଯାତ୍ରା ପ୍ରାୟତଃ ଶ୍ରୀକ୍ଷେତ୍ର ପୁରୀ ସହିତ ସାମଞ୍ଜସ୍ୟ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ପ୍ରମୁଖ ଯାତ୍ରା ମଧ୍ୟରୁ ସ୍ନାନ ଯାତ୍ରା ଆଦ୍ୟ ଯାତ୍ରା ଭାବେ ପ୍ରତିପାଦିତ। ମନ୍ଦିରର କାର୍ଯ୍ୟକ୍ରମ ଅନୁଯାୟୀ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିର ଭୋର ୪ଟାରେ ମହାପ୍ରଭୁଙ୍କ ନିକଟରେ ମଙ୍ଗଳ ଆଳତି ଲାଗି ହେବା ପରେ ମହାପ୍ରଭୁଙ୍କୁ ସୋଲ ଜରି ଜମ୍ଭୁରା କଦଳୀ ପଟୁଆରେ ତରାସ ଚୂଳ ସାଙ୍ଗକୁ ଫୁଲମାଳ ଆଦିରେ ବେଶକୁ ସୁସଜ୍ଜିତ କରାଯାଏ। ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନ ତ୍ୟାଗ କରି ସୁନ୍ଦର ଟାହିଆରେ ସୁସଜ୍ଜିତ ହୋଇ ଧୀରେ ଧୀରେ ଅପୂର୍ବ ଛନ୍ଦରେ ଗୋଟି ପହଣ୍ଡିରେ ପାହୁଣ୍ଡ ପକାଇ ଖୋଳ, କରତାଳ, ଘଣ୍ଟ, ଘଣ୍ଟା ଧ୍ୱନି ଓ ହୁଳହୁଳି, କାହାଳୀ ବଜାଇ ଢଳି ଢଳି ସ୍ନାନ ମଣ୍ଡପକୁ ବିଜେ ହୋଇଥାନ୍ତି। ସେଠାରେ ଗଙ୍ଗାଙ୍କୁ ଆବାହନ କରି ପ୍ରଥମେ ଗଙ୍ଗାଜଳରେ ସ୍ନାନ ହୋଇଥାଏ। ଏହାପରେ ପ୍ରତି ଦିଅଁଙ୍କୁ ଭକ୍ତଙ୍କ ପ୍ରଦତ୍ତ ୧୦୮ ପଇଡ଼ ପାଣିରେ ସ୍ନାନ କରାଯାଏ। ଏହାପରେ ମନ୍ଦିର ମଧ୍ୟରେ ଥିବା ସ୍ୱତନ୍ତ୍ର କୂଅରୁ ୧୦୮ ଲେଖାଏଁ ଗରାରେ ଜଳ ଆଣି ଚନ୍ଦନ, କର୍ପୂର, ତୁଳସୀ ଓ କସ୍ତୁରୀ ମିଶାଇ ସୁବାସିତ ପାଣିରେ ଐଶ୍ୱର୍ଯ୍ୟମୟ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନ ଭବ୍ୟସ୍ନାନ କାର୍ଯ୍ୟ ସମାପନ ହୋଇଥାଏ। ପରିଛା ଦୁର୍ଗାଚରଣ ଜିତବାବୁଙ୍କ ପୌରହିତ୍ୟରେ ପୂଜାପଣ୍ଡା ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା ଓ କାମେଶ୍ୱର ତ୍ରିପାଠୀ ସ୍ନାନକାର୍ଯ୍ୟ ସମ୍ପନ୍ନ କରନ୍ତି। ମହାପ୍ରଭୁଙ୍କ ଏହି ଭବ୍ୟସ୍ନାନ ଦର୍ଶନ ମାତ୍ରକେ ସହସ୍ର ଜନ୍ମର ପାପ ଧୋଇ ଯିବା ସହ ଶହଶହ ପୁନର୍ଜନ୍ମ ଟଳି ଯିବା ଓ ମୋକ୍ଷର ଅକ୍ଷୟମାଳ ସରାଗରେ ଆତ୍ମା ପିନ୍ଧି ନେଉଥିବାର ବିଶ୍ୱାସ ରଖି ଭକ୍ତମାନେ ଆତ୍ମବିଭୋର ହୋଇ ଚାତକ ଭଳି ଏହି ବ୍ରହ୍ମମୁହୂର୍ତ୍ତକୁ ଅନେଇ ବସିଥିବା ବେଳେ ବହୁଳ ସଂଖ୍ୟାରେ ମନ୍ଦିରରେ ପହଞ୍ଚି ଦର୍ଶନ କରନ୍ତି।

ସେହିପରି ସ୍ନାନ ପୂର୍ଣ୍ଣିମାରେ ବିଶ୍ୱ ସଂସ୍କୃତିର ଆଦି ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ମହାଗଣପତି, ମହାପ୍ରଭୁ ବଳଭଦ୍ର ଖଦିର ଗଣପତି ଓ ଦେବୀ ସୁଭଦ୍ରା ମାତଙ୍ଗୀ ବେଶ ଧାରଣ କରନ୍ତି। ମହାପ୍ରଭୁଙ୍କ ବେଶ ଓଠା' ନୀତି ସମାପନ ପରେ ରାତିରେ ମହାପ୍ରଭୁ ଗଜାନନ ବେଶ ଅନୁଷ୍ଠିତ ହୋଇଥାଏ। ପରେ ସେବାୟତ ଓ ପୂଜକମାନେ ମହାପ୍ରଭୁଙ୍କୁ ଗୋଟି ପହଣ୍ଡିରେ ରତ୍ନସିଂହାସନରୁ ନେଇ ଅଣସର ମଣ୍ଡପ ଭିତରେ ରଖିବା ପରେ ସେନାପଟା ଲାଗି ହୋଇଥାଏ। ୧୪ଦିନ ଅଣସର ଘରେ ରହିବା ସମୟରେ ପଟିଦିଅଁରେ ବିଷ୍ଣୁ, ମହେଶ୍ୱର ଓ ଶକ୍ତି ରୂପରେ ପୂଜା ପାଇବା ସହିତ ପରମ୍ପରା ଅନୁଯାୟୀ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୁଏ। ୨୦୨୩ ମସିହାଠାରୁ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ଜଗନ୍ନାଥ ମନ୍ଦିରର ମରାମତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମାପନ ହେବା ପରେ ସୁସଜ୍ଜିତ ଆଲୋକମାଳରେ ମନ୍ଦିରକୁ ସଜା ଯାଇଆସୁଛି। ନୂତନ ସ୍ନାନମଣ୍ଡପ ଆକର୍ଷଣୀୟ ହୋଇଥିବା ବେଳେ ମନ୍ଦିର ପ୍ରାଙ୍ଗଣରୁ ଅବରୋଧ ହଟାଯିବା ପରେ ବହୁ ଭକ୍ତ ଛିଡ଼ା ହୋଇ ଦିଅଁଙ୍କୁ ଦର୍ଶନ କରୁଛନ୍ତି। ଭିଡ଼କୁ ନିୟନ୍ତ୍ରଣ ପାଇଁ ମନ୍ଦିର ଓ ବଡ଼ଦାଣ୍ଡ ରାସ୍ତାରେ ଯାନବାହନ ଚଳାଚଳ ଦିଗ ପରିବର୍ତ୍ତନ କରାଯାଏ। ଶାନ୍ତିଶୃଙ୍ଖଳା ପାଇଁ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ନିୟୋଜିତ ହୁଅନ୍ତି।





## ଭିନ୍ନ ପରମ୍ପରା

# ସ୍ନାନ ପୂର୍ଣ୍ଣିମାରେ ରଥଯାତ୍ରା



ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍‌ର ଶିମିଳିପାଳ ପାଦଦେଶରେ ଥିବା ଗୁଡ଼ିଆଲବନ୍ଧ ଗ୍ରାମରେ ଦେବସ୍ନାନ ପୂର୍ଣ୍ଣିମାରେ ରଥଯାତ୍ରା ଓ ତହିଁ ପରଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ। ଏହା ରଥଯାତ୍ରା ପରମ୍ପରାର ବ୍ୟତିକ୍ରମ, ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ସର୍ବତ୍ର ଦେବସ୍ନାନ ପୂର୍ଣ୍ଣିମାରେ ତିନି ଦିଅଁ ମହାସ୍ନାନ ପରେ ଅସୁସ୍ଥ (ଜ୍ୱର) କାରଣରୁ ଅଣସରରେ ରହିଥାନ୍ତି। ନବ ଯୌବନ ଦର୍ଶନର ପରଦିନ ରଥଯାତ୍ରା ପର୍ବ ଆରମ୍ଭ ହୋଇ ୯ ଦିନରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥାଏ। ମାତ୍ର ଏଠାରେ ଏକ ସ୍ୱତନ୍ତ୍ର ପରମ୍ପରା ବହନ କରି ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମା ଦିନ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଭକ୍ତଙ୍କ ଭିଡ଼ ମଧ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ବା ମଠର ନୀତିରେ ଦେବସ୍ନାନ ପରେ ତିନି ଠାକୁର ଗୋଟିଏ ରଥରେ ସନ୍ଧ୍ୟାରେ ଯାତ୍ରା କରି ଗାଁ ମୁଣ୍ଡରେ ଥିବା ମାଉସୀବାଡ଼ି ଗ୍ରାମ ଦେବତୀ ସିନ୍ଦୂରଗୌରା ଠାକୁରାଣୀଙ୍କ ପୀଠରେ ପହଞ୍ଚନ୍ତି। ସେଠାରେ ତିନି ଠାକୁର ରଥ ଉପରେ ଗୋଟିଏ ରାତି ରହିବା ପରେ ତହିଁ ପରଦିନ ମନ୍ଦିରକୁ ବାହୁଡ଼ି ପୂର୍ବ ପରି ପୂଜା ପାଆନ୍ତି। ସମସ୍ତ 'କ୍ଷେତ୍ର'ରେ ଦିଅଁମାନେ ଅଣସର ଘରେ ରହି ସେମାନେ ପଟିଦିଅଁରେ ବିଷ୍ଣୁ, ମହେଶ୍ୱର ଓ ଶକ୍ତି ରୂପରେ ପୂଜା ପାଉଥିବା ବେଳେ ଏହି ଗ୍ରାମର ଜଗନ୍ନାଥ ମନ୍ଦିରରେ ତିନି ଠାକୁର ନିଜ ନିଜ ରୂପରେ ପୂଜା ପାଆନ୍ତି। ଫଳରେ ସ୍ନାନ ପୂର୍ଣ୍ଣିମୀ ଦିନଠାରୁ ନବ ଯୌବନ ଦର୍ଶନ ପର୍ଯ୍ୟନ୍ତ ଏଠାରେ ଭକ୍ତଙ୍କ ଭିଡ଼ ଲାଗି ରହିଥାଏ। ଏଠାରେ ଅନ୍ୟ ଏକ ବିଶେଷତ୍ୱ ରହିଛି ଯେ, ଦୀର୍ଘ ୩୮ ବର୍ଷ ମଧ୍ୟରେ ଭକ୍ତମାନେ ତିନି ଠାକୁରଙ୍କୁ ନବକଳେବର ରୂପରେ ଦେଖିବାକୁ ପାଇନାହାନ୍ତି। ମଠର ମହନ୍ତ ଯୋଗେନ୍ଦ୍ରଜୀଙ୍କ ସୂଚନା ଅନୁଯାୟୀ ୧୯୮୪ ମସିହା ଏପ୍ରିଲ ମାସ ୧୦ ତାରିଖରେ ଚାଲିଚାଲି ଶ୍ରୀକ୍ଷେତ୍ର ପୁରୀକୁ ରଥଯାତ୍ରା ଦେଖିବା ପାଇଁ ଯିବା ବାଟରେ ଦେଖିଥିବା ସ୍ୱପ୍ନାଦେଶ ଅନୁଯାୟୀ ସେ ତିନି ଦିଅଁଙ୍କୁ ସେହି ଗ୍ରାମରେ ପ୍ରତିଷ୍ଠା କରି ପୂଜା କରିଆସୁଛନ୍ତି। ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଏଭଳି ପରମ୍ପରା ଚାଲି ଆସିଛି ବୋଲି ସେ କହନ୍ତି। ତେବେ କରୋନା କଟକଣା ପାଇଁ ୨୦୨୦ ମସିହାରେ ରଥ ୧୦ ହାତ ଗଢ଼ିଥିବା ବେଳେ ୨୦୨୧ ମସିହାରେ ରଥଯାତ୍ରା ବନ୍ଦ ରହିଥିଲା। ପୁର୍ନବାର ୨୦୨୩ରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥର ମଧ ୨୨ତାରିଖ ଦେବସ୍ନାନ ପୂର୍ଣ୍ଣମୀରେ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ଜଗନ୍ନାଥ ସଂସ୍କୃତିରେ ଏହା ଏକ ସ୍ୱତନ୍ତ୍ର ପରମ୍ପରା ବହନ କରିଥିଲେ ହେଁ ରଥଯାତ୍ରା ଦେଖିବା ପାଇଁ ଶିମିଳିପାଳ ପାଦଦେଶରେ ଥିବା ଗ୍ରାମଗୁଡିକରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ସମାଗମ ଭଗବାନଙ୍କ ଲୀଳାକୁ ପ୍ରମାଣିତ କରୁଛି। ତେବେ ପ୍ରଚାରପ୍ରସାର ଅଭାବରୁ ବଣମଲ୍ଲୀ ବଣରେ ଝଡ଼ି ପଡ଼ିବା ଭଳି ଜଗନ୍ନାଥଙ୍କର ଏହି ସ୍ୱତନ୍ତ୍ର ପରମ୍ପରା ପ୍ରଶାସନ ନିକଟରେ ପହଞ୍ଚି ନାହିଁ। ■



# ପାତାଳି ଶ୍ରୀକ୍ଷେତ୍ରରେ ସ୍ନାନ ପୂର୍ଣ୍ଣିମା ନୀତି ଅନନ୍ୟ

ଧରଣୀଧର ମିଶ୍ର, ସୋନପୁର



ସୁବର୍ଣ୍ଣପୁର ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ରରେ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିରର ନୀତି ନିୟମ ଅନୁସାରେ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିର ଉପରେ ରକ୍ତ ବାହୁର ଆକ୍ରମଣ ବେଳେ ତିନି ଠାକୁରଙ୍କୁ ପୁରୀରୁ ଆଣି କୋଟସମଲାଇ ନିକଟସ୍ଥ ତ୍ରିକୂଟ ପାହାଡ଼ରେ ପାତାଳି କରି ରଖାଯାଇଥିଲା। ତେଣୁ ଏହି ଦିବ୍ୟ ସ୍ଥାନ ପାତାଳି ଶ୍ରୀକ୍ଷେତ୍ର ଭାବେ ଖ୍ୟାତ। ପାହାଡ଼ର ବିଭିନ୍ନ ସ୍ଥାନରେ ଏବଂ ଗୁମ୍ଫାଗୁଡ଼ିକରେ ଠାକୁରଙ୍କ ବିଭିନ୍ନ ଚିହ୍ନ ତଥା ଭକ୍ତି ଭାବର ବିଭିନ୍ନ ଜିନିଷ ଭରି ରହିଛି । ତେବେ ଅନନ୍ୟ ଏଠାକାର ସ୍ନାନ ପୂର୍ଣ୍ଣିମାର ନୀତି। ଆସନ୍ତା ୨୨ ତାରିଖରେ ସ୍ନାନ ପୂର୍ଣ୍ଣିମା ଅବସରରେ ପାତାଳି ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଅନୁଷ୍ଠିତ ହେବ। ଏହାପରେ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଲୀଳାକ୍ଷେତ୍ର କୋଟସମଲାଇର ପାତାଳି ଶ୍ରୀକ୍ଷେତ୍ରଠାରେ ଠାକୁର ଗଜାନନ ବେଶରେ ଦର୍ଶନ ଦେବେ ।



## ସ୍ନାନ ପୂର୍ଣ୍ଣିମାର ନୀତିକାନ୍ତି

ସ୍ନାନ ପୂର୍ଣ୍ଣିମା ଦିନ ପ୍ରଥମେ ଭୋରରେ ଦ୍ୱାରଫିଟା ପରେ ମନ୍ଦିର ଗମ୍ଭୀରାରୁ ଗୋଟି ପହଣ୍ଡିରେ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଭକ୍ତ ଏବଂ ସେବାୟତମାନେ ବିଜେ କରାଇଥାନ୍ତି। ସ୍ନାନ ମଣ୍ଡପରେ ଠାକୁରଙ୍କ ପାରମ୍ପରିକ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ନୀତିକାନ୍ତି ପରେ ସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ। ଠାକୁରମାନଙ୍କ ସ୍ନାନ ପାଇଁ ସେବାୟତମାନେ ସ୍ୱର୍ଣ୍ଣ କୂଅରୁ ୧୦୮ ଗରା ଜଳ ଆଣିଥାନ୍ତି। ୧୦୮ ଗରା ସୁବାସିତ ଜଳରେ ଠାକୁରମାନଙ୍କର ସ୍ନାନ କରାଯିବ। ମହାପ୍ରଭୁଙ୍କ ପବିତ୍ର ସ୍ନାନ ଯାତ୍ରା ଅବସରରେ ଘଣ୍ଟ, ଶଙ୍ଖ, ହୁଳହୁଳିରେ କମ୍ପି ଯାଇଥାଏ ପାତାଳି କ୍ଷେତ୍ର। ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଭକ୍ତ ସ୍ନାନ ପୂର୍ଣ୍ଣିମା ଦିନ ଏଠାରେ ଠୁଳ ହୋଇଥାନ୍ତି । ସ୍ନାନ ନୀତି ପରେ ଫୁଲମାଳ ଏବଂ ତୁଳସୀ ମାଳରେ ମହାପ୍ରଭୁଙ୍କୁ ସଜାଇ ଦିଆଯାଏ। ପରେ ଗଜାନନ ବେଶରେ ଠାକୁର ଦର୍ଶନ ଦେଇଥାନ୍ତି । ଚଳିତବର୍ଷ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା କରାଯିବା ସହ ଗଜାନନ ବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଭୋର ସକାଳ ୫ଟାରେ ମଙ୍ଗଳ ଆଳତି ଅନୁଷ୍ଠିତ ହେବ। ୯ ଘଣ୍ଟା ସମୟରେ ଧାଡ଼ି ପହଣ୍ଡିରେ ତିନି ଠାକୁର ସ୍ନାନ ବେଦୀକୁ ବିଜେ କରିବେ। ପୂର୍ବାହ୍ନ ୧୧ଟା ସମୟରେ ୧୦୮ ଗରା ଜଳରେ ଶ୍ରୀଜୀଉଙ୍କ ସ୍ନାନ ଅନୁଷ୍ଠିତ ହେବ । ଅପରାହ୍ଣ ଗୋଟାଏ ସମୟରେ ଦୁର୍ଲଭ ଗଜାନନ ବେଶ ଅନୁଷ୍ଠିତ ହେବ। ପରେ ୪ଟାରେ ଅଣସର ବିଜେ କରିବେ ତିନି ଠାକୁର। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି ବୋଲି ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।




ସେହିପରି ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଅବସରରେ ମନ୍ଦିରମାଳିନୀ ସହର ସୋନପୁର ଗଡ଼ଭିତର ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ମଧ୍ୟ ଅନୁଷ୍ଠିତ ହେବ। ସକାଳୁ ରତ୍ନବେଦୀ ଛାଡ଼ି ସ୍ନାନବେଦୀକୁ ବିଜେ କରିବେ ତିନିଠାକୁର। ତିନି ଠାକୁରଙ୍କୁ ପହଣ୍ଡିରେ ସ୍ନାନମଣ୍ଡପରେ ବିଜେ କରିବା ପରେ ସ୍ନାନ ନୀତି ଅନୁଷ୍ଠିତ ହେବ। ■

# ତୁଳସୀ କ୍ଷେତ୍ରରେ ଦେବ ସ୍ନାନ ପୂର୍ଣ୍ଣିମା

ଦେବଦତ୍ତ ଦାଶ, କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ାସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥାଏ। ଜ୍ୟେଷ୍ଠ ପୂର୍ଣ୍ଣିମାର ପୂର୍ବ ରାତିରୁ ସମସ୍ତ ପ୍ରସ୍ତୁତି ହୋଇଥାଏ । ମହାଜନ ପାଣିଗ୍ରାହୀ ସେବାୟତ ମନ୍ଦିରରେ ପ୍ରବେଶ କରି ରତ୍ନ ସିଂହାସନକୁ ଯାଇଥାନ୍ତି । ମହାପ୍ରଭୁଙ୍କ ଡୋରିଫିଟାନୀତି ସମ୍ପନ୍ନ ପରେ ଚାରମାଳ ବନ୍ଧା ଯାଇ ଡୋରିଫିଟାନୀତି



ସମ୍ପନ୍ନ ହୋଇଥାଏ । ଏହାପରେ ମହାପ୍ରଭୁ ଭୋଗ ମଣ୍ଡପକୁ ଯାଇଥାନ୍ତି। ସେଠାରେ ମହାପ୍ରଭୁଙ୍କ ସେନାପଟା କାର୍ଯ୍ୟ ଆରମ୍ଭ ହୋଇଥାଏ। ପରେ ପରେ ମହାପ୍ରଭୁଙ୍କ ଠିଆ ପଉଡ଼ ହୋଇଥାଏ। ଜ୍ୟେଷ୍ଠ ପୂର୍ଣ୍ଣିମା ପ୍ରତ୍ୟୁଷରୁ ମନ୍ଦିର ପ୍ରଶାସନ ପକ୍ଷରୁ ଭେଟି ନୀତି ପରେ ମହାପ୍ରଭୁଙ୍କ ପହଣ୍ଡି ବିଜେ କାର୍ଯ୍ୟ ଆରମ୍ଭ ହୋଇଥାଏ। ଏଥିରେ ବଳଦେବଜୀଉ ପଛକୁ ଭଗିନୀ ସୁଭଦ୍ରା ସାନୁଜ ଜଗନ୍ନାଥଙ୍କୁ ଧାଡ଼ି ପହଣ୍ଡି କରାଯାଇ ସ୍ନାନ ବେଦୀକୁ ବିଜେ କରାଯାଇଥାଏ । ସ୍ନାନବେଶ ପରେ ଜୟ ମଙ୍ଗଳା ଆଳତି, ନୀତିକାନ୍ତି ପରେ ପରେ ୧୦୮ କୁମ୍ଭରେ ସୁସଜ୍ଜିତ ହୋଇ ଜଳକୁ ରାଜ ପୁରୋହିତଙ୍କ ଦ୍ୱାରା ମନ୍ତ୍ରସିଦ୍ଧ କରାଯାଇ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ମହାପ୍ରଭୁଙ୍କ ୩୫ କୁମ୍ଭରେ ସ୍ନାନ କରାଗଲାବେଳେ ଜଗନ୍ନାଥଙ୍କ ୩୩, ସୁଭଦ୍ରାଙ୍କ ୩୦ ଏବଂ ସୁଦର୍ଶନଙ୍କୁ ୧୦ କୁମ୍ଭରେ ସ୍ନାନ କରାଯାଇଥିଲା । ବରଷକେ ଥରେ ଶ୍ରୀଜୀଉ ସ୍ନାନ ମଣ୍ଡପକୁ ଆସୁଥିବା ବେଳେ ରଥଯାତ୍ରା ସମୟରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଦେବସ୍ନାନ ପୂର୍ଣ୍ଣିମାରେ ବ୍ରହ୍ମ ତାଳଧ୍ୱଜ ରଥର ଚକରେ ଅଖ ସଂଯୋଗ କରାଯିବା ବିଧି ରହିଛି । ତେବେ ପ୍ରଭୁ ବଳଦେବଜୀଉଙ୍କ ସମେତ ଶ୍ରୀଜଗନ୍ନାଥ,ଭଉଣୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କୁ ଦର୍ଶନ କରି ଜଗତର ମଙ୍ଗଳ କାମନା ଭକ୍ତମାନେ କରିଥାନ୍ତି। କେବଳ କେନ୍ଦ୍ରାପଡ଼ା ନୁହେଁ, ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦୁର୍ଲଭ ଦର୍ଶନ କରିବା ସହ ଆଶିଷ ଲାଭ କରିଛନ୍ତି । ଆଜିଠାରୁ ରାତ୍ର ପହଣ୍ଡି ଶେଷ କରାଯାଇ ଶ୍ରୀଜୀଉ ଅଣସର ଗୃହକୁ ପ୍ରବେଶ କରିଥାନ୍ତି। ଏହାପରେ ମହାପ୍ରଭୁଙ୍କ ଗୁପ୍ତ ସେବା ଆରମ୍ଭ ହୋଇଥାଏ । ଏହି ୧୫ ଦିନ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇନଥାନ୍ତି। ■








# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ମାନ କରିଛନ୍ତି ନାରାୟଣ

ମାନ କରିଛନ୍ତି ପଦ୍ମ ଦଳର ଫାୟରବ୍ରାଣ୍ଡ ନେତା ଜୟ ନାରାୟଣ। ସେ ମାନ ପୁଣି ଏମିତି ସେମିତି ନୁହେଁ; ପୁରା ଅଭିମାନ। ଏମିତି କି ବାର ତାରିଖରେ ନିଜ ଦଳର ମୁଖ୍ୟମନ୍ତ୍ରୀ ମୋହନଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ, ସାତ କେନ୍ଦ୍ରମନ୍ତ୍ରୀ, ନଅ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଦି ଯୋଗ ଦେଇଥିବାବେଳେ ଜୟ ନାରାୟଣଙ୍କ ପାଦ ଜନତା ମଇଦାନରେ ପଡ଼ିଲା ନାହିଁ। ତାଙ୍କ ଅନୁପସ୍ଥିତି ସମ୍ପର୍କରେ ଦଳ ଲୋକ ଗୋଟାଏ କଥା କହୁଛନ୍ତି ତ ଜୟଙ୍କ ସମର୍ଥକମାନେ ଆଉ ଗୋଟାଏ କଥା କହୁଛନ୍ତି। ସେମିତି ତାଙ୍କ ପରିବାରକୁ ପାସ୍ ନ ମିଳିବା ଯୋଗୁଁ ସିଏ ଶପଥ ଉତ୍ସବକୁ ଗଲେ ନାହିଁ ବୋଲି ଜୟ କହିଥିବା କଥା ଉଡ଼ିବୁଲୁଛି। ମାତ୍ର ଏହା ପଛରେ ସତ କ'ଣ ସେ କଥା କିଏ ଜାଣିଛି ? ଜୟନାରାୟଣ ହେଉଛନ୍ତି ପଦ୍ମ ଦଳର ଖାଣ୍ଟି ନେତା, ଢ଼େର ଦିନ ଧରି ଦଳରେ ଅଛନ୍ତି। ପୂର୍ବରୁ ମେଣ୍ଟ ସରକାରରେ ମନ୍ତ୍ରୀ ଥିଲେ, ଗଲା ବିଧାନସଭାରେ ବିରୋଧୀଦଳ ନେତା ବି ଥିଲେ। ଜନତା ମଇଦାନରେ ଶପଥ ଉତ୍ସବରେ ଅନ୍ୟ ମନ୍ତ୍ରୀ ଓ ବିଧାୟକଙ୍କ ସମର୍ଥକଙ୍କୁ ପାସ୍ ମିଳିଲା। କିଛି ମନ୍ତ୍ରୀଙ୍କ ସମ୍ପର୍କୀୟମାନେ ବ୍ୟାରିକେଡ୍ ଭିତରେ ବସିଥିବା ବି ଦେଖାଗଲା। ହେଲେ ଜୟ ଚାହିଁଥିଲେ ତାଙ୍କ ଦଳ ଗୋଟାଏ ଯୋଡ଼ାଏ କାହିଁକି ଅଧ ପଣେ ପାସ୍ ତାଙ୍କ ଘରେ ପହଞ୍ଚାଇ ଦେଇ ପାରିଥାଆନ୍ତେ; ତାଙ୍କ ପରିବାରକୁ ପୁଣି ଯେ ପାସ୍ ମିଳିବ ନାହିଁ, ଏ କଥା ସହଜରେ ବିଶ୍ୱାସ କରି ହେଉନାହିଁ। ତେଣୁ ଜୟନାରାୟଣଙ୍କ ଅନୁପସ୍ଥିତିକୁ କିଛି ଲୋକ ୨୦୧୯ ରେ କେନ୍ଦ୍ର ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଜୁଏଲଙ୍କ ଅନୁପସ୍ଥିତି ସହ ଯୋଡ଼ିବା ଆରମ୍ଭ କରିଛନ୍ତି। ମନ୍ତ୍ରୀ ପଦ ନ ମିଳିବା କାରଣରୁ ୨୦୧୯ ରେ ଜୁଏଲ୍ ଅଭିମାନରେ କେନ୍ଦ୍ର ସରକାରଙ୍କ ଶପଥ ଉତ୍ସବରେ ଯୋଗ ଦେଇ ନ ଥିଲେ। ଏବେ ଜୟ ସେହିପରି ଅଭିମାନ କରିଛନ୍ତି କି ? ■



## ଶରତଙ୍କୁ ଶନିଙ୍କ ବକ୍ରୀ ଦୃଷ୍ଟି

୨୦୨୪ ବର୍ଷଟି ଅଙ୍କ ଦୃଷ୍ଟିରୁ ଶନିଙ୍କ ବର୍ଷ ବୋଲି ଜ୍ୟୋତିଷାଚାର୍ଯ୍ୟମାନେ କହୁଛନ୍ତି। ଭାଗ୍ୟ ଦେବତା ଶନି ଅଷ୍ଟମ ଗୃହରେ ରହି ଅନେକଙ୍କ ଭାଗ୍ୟକୁ ଆକାଶଛୁଆଁ କରିବାକୁ ସକ୍ଷମ ହୋଇଛନ୍ତି। ହେଲେ ମାଷ୍ଟରକ୍ୟାଣ୍ଟିନ୍ ହାତ ପାର୍ଟି ମହନ୍ତ ଶରତଙ୍କ ଭାଗ୍ୟରେ ପଡ଼ିଛି ଶନିଙ୍କ ବକ୍ର ଦୃଷ୍ଟି। ତାଙ୍କ ନେତୃତ୍ୱରେ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି। ଗଲା ବିଧାନସଭାରେ ଦଳର ଆସନ ସଂଖ୍ୟା ୯ରୁ ୧୪ରେ ପହଞ୍ଚିଛି;୧୨ଟି ଆସନରେ ଦଳ ଦ୍ୱିତୀୟ ସ୍ଥାନରେ ରହିଛି। ଏପରିକି କଟକରୁ ନବାଗତା ସୋଫିଆ ବିଜୟୀ ହୋଇଛନ୍ତି। ଯଦିଓ ଦଳର ଭୋଟ ହାର ପାଖାପାଖି ଅଢ଼େଇ ପ୍ରତିଶତ କମିଛି, ତଥାପି ଭଣ୍ଡାରୀପୋଖରୀ, ନର୍ଲା, ଲାଞ୍ଜିଗଡ଼, ଭୋଗରାଇ ଓ ବାଲିଗୁଡ଼ା ପରି ୫ଟି ଆସନରେ ଅଳ୍ପ ବ୍ୟବଧାନରେ ହାତ ପାର୍ଟିର ପ୍ରାର୍ଥୀମାନେ ପରାଜିତ ହୋଇଛନ୍ତି। ଏପରିକି ଦକ୍ଷିଣ ଓଡ଼ିଶାରେ ଶଙ୍ଖ ଦଳଠାରୁ ହାତ ଦଳ ଅଧିକ ଆସନରେ ବିଜୟୀ ହେବାକୁ ସକ୍ଷମ ହୋଇଛି। ହେଲେ ବିଡ଼ମ୍ବନା ହେଉଛି ଶରତ ଆଉ ତାଙ୍କ ପରି ଦଳର ଟାଣୁଆ ନେତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ନିଜେ ଶରତ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ, ପ୍ରଚାର କମିଟିର ପୂର୍ବତନ ଅଧ୍ୟକ୍ଷ ବିଜୟ, ଦୁଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ଓ ଜୟଦେବଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ମୁଖିଆଙ୍କୁ ପଡ଼ିଥିବା ଶନିଦଶାର ଫଳ କଂଗ୍ରେସ ପରିବାରର ସଦସ୍ୟଙ୍କୁ ଭୋଗିବାକୁ ପଡ଼ିଛି। ଏପଟେ ପୁଣି ନିର୍ବାଚନ ଫଳ ବାହାରୁ ବାହାରୁ ଦଳର କିଛି ନେତା ତାଙ୍କ ବିରୋଧରେ ବିଷ ଉଗାରିବା ଆରମ୍ଭ କରିଛନ୍ତି। ଏପରିକି ଓଡ଼ିଶାରେ କଂଗ୍ରେସ ସଙ୍ଗଠନର ଆମୂଳଚୂଳ ପରିବର୍ତ୍ତନ ପାଇଁ ରାଜ୍ୟ ହାତ ପ୍ରଭାରୀ ଅଜୟ କୁମାର କୁଆଡ଼େ ନକ୍ସା ପ୍ରସ୍ତୁତ କରିବା ଆରମ୍ଭ କରିଛନ୍ତି। ସେଥିପାଇଁ ଶରତ କୁଆଡ଼େ ବହୁତ ବିବ୍ରତ। ■



## ଥଇଥାନ ହେବେ ମନମୋହନ

ରାମମନ୍ଦିର ଆଖଡ଼ା କୁସ୍ତିଆଳ ମନମୋହନ ନିଜେ ସିନା ନିର୍ବାଚନରେ ବିଜୟୀ ହୋଇ ପାରିଲେ ନାହିଁ; ହେଲେ କାହା କଥା ନ ଶୁଣି ବିଭିନ୍ନ ସ୍ଥାନରେ ସେ ମନୋନୀତ କରିଥିବା ପ୍ରାର୍ଥୀମାନଙ୍କୁ ବିଜୟୀ ଶିରିପା ପିନ୍ଧାଇବାକୁ ସକ୍ଷମ ହୋଇଛନ୍ତି। ମନଙ୍କ ସୌଭାଗ୍ୟକୁ ତାଙ୍କ ଦଳ ରାଜ୍ୟରେ ଗଢ଼ିଛି ମୋହନ ସରକାର। ମାତ୍ର ଦଳ ଭିତରର ଅଛିଣ୍ଡା ଗଣିତ ମନମୋହନଙ୍କ ମନକୁ ଭାଙ୍ଗି ଦେଇଛି। ରାଜ୍ୟରେ ପଦ୍ମ ଦଳ ସରକାର ଗଢ଼ିବାର ଖୁସିରେ ସେ ଖୁସି ହୋଇଛନ୍ତି ସତ, ନିଜେ ପରାଜିତ ହୋଇଥିବାର ଦୁଃଖ ତୁଳନାରେ ସେହି ଖୁସି ଢ଼େର କମ୍ ମନେ ହେଉଛି। ମୁହଁରେ ହସ ଖେଳୁଥିବାବେଳେ ଦୁଃଖର ଅନ୍ତସ୍ରୋତ ମନ ଭିତରେ ଲହରୀ ମାରୁଛି। ଏଥିପାଇଁ ମନମୋହନଙ୍କୁ ତାଙ୍କ ଦଳ ଖୁବ୍ ଶୀଘ୍ର ପୁରସ୍କୃତ କରିବ ବୋଲି ତାଙ୍କ ସମର୍ଥକମାନେ ଆଶା ବାନ୍ଧିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ସାମାନ୍ୟତମ ଅବଦାନ ନ ଥିବା ସତ୍ତ୍ୱେ ତତ୍କାଳୀନ ଆଖଡ଼ା କୁସ୍ତିଆଳ କଳାହାଣ୍ଡିଆ ଗେରୁଆ ନେତା ବସନ୍ତଙ୍କୁ ଦଳ ସଂସଦକୁ ପଠାଇଥିଲା। ଆଉ ରାଜ୍ୟରେ ପଦ୍ମ ଦଳର ଅପ୍ରତ୍ୟାଶିତ ବିଜୟ ପଛରେ ଊଣା ଅଧିକେ ଅବଦାନ ରଖିଥିବା ମନମୋହନ ତ ନିଶ୍ଚିତ ପୁରସ୍କାର ପାଇବାର ଯୋଗ୍ୟ। ଖାଲି ମନମୋହନ ନୁହନ୍ତି, ଆଖଡ଼ାର ପୂର୍ବତନ ମୁଖ୍ୟ କୁସ୍ତିଆଳ ସମୀରଙ୍କ ସହ ସଜ୍ଜନ, ଠାକୁର ଆଦିଙ୍କୁ ବି ଥଇଥାନ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇ ସାରିଲାଣି ବୋଲି ରାମମନ୍ଦିର ଛକରେ ଖବର ଉଡ଼ି ବୁଲୁଛି। ୨୦୨୬ ପୂର୍ବରୁ ଓଡ଼ିଶାରେ କୌଣସି ରାଜ୍ୟସଭା ଆସନ ଖାଲି ହେବାର ନାହିଁ। ତେଣୁ ମନମୋହନଙ୍କୁ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ପଦ ସହ କ୍ୟାବିନେଟ ପାହ୍ୟା ଦିଆଯିବାକୁ ବ୍ୟବସ୍ଥା କରାଯିବ ଓ ୨୦୨୬ରେ ରାଜ୍ୟସଭାକୁ ପଠାଯିବ ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ■



## ଯେ ପାଞ୍ଚେ ପର ମନ୍ଦ...

କେନ୍ଦ୍ରାପଡ଼ାର ହେଲିକପ୍ଟର ନେତା ବାବୁ ବୈଜୟନ୍ତ ଶେଷରେ ପାଞ୍ଚ ବର୍ଷ ପରେ ସଂସଦକୁ ଫେରିଛନ୍ତି। ଗଲା ନିର୍ବାଚନରେ ଯେଉଁ ଭୋଟରମାନେ ତାଙ୍କୁ ଲକ୍ଷାଧିକ ଭୋଟରେ ପରାଜୟର ବାଟ ଦେଖାଇଥିଲେ, ସେଇ ଭୋଟରମାନେ ପାଞ୍ଚ ବର୍ଷ ପରେ ଅଳ୍ପ ବ୍ୟବଧାନରେ ହେଉ ପଛେ, ପୁଣି ତାଙ୍କୁ ବିଜୟ କିରୀଟି ପିନ୍ଧାଇଛନ୍ତି। ମାତ୍ର କେନ୍ଦ୍ରରେ ମନ୍ତ୍ରୀ ପଦ ନ ମିଳିବା କୁଆଡ଼େ ବୈଜୟନ୍ତଙ୍କୁ ନିରାଶ କରିଛି। କେଉଁ କାରଣରୁ ତାଙ୍କୁ ମନ୍ତ୍ରୀ ପଦ ମିଳିଲା ନାହିଁ; ସେ କଥା ସଠିକ୍ ଭାବରେ ଆମ ପାଖରେ କିଛି ସୂଚନା ନାହିଁ। ହେଲେ ଦିଲ୍ଲୀରେ ହେଉଥିବା ଚର୍ଚ୍ଚା ଅନୁସାରେ ଉତ୍ତରପ୍ରଦେଶ ନିର୍ବାଚନରେ ଦଳର ବିପର୍ଯ୍ୟୟ ଓ କେନ୍ଦ୍ରାପଡ଼ାର କିଛି ବିଧାନସଭା ଆସନରେ ବିଧାୟକ ପ୍ରାର୍ଥୀଙ୍କ ପରାଜୟର ପଛରେ ବୈଜୟନ୍ତଙ୍କ ହାତ ଥିବା ଦଳୀୟ ନେତାମାନେ ସନ୍ଦେହ କରୁଛନ୍ତି। ବାବୁ ବୈଜୟନ୍ତ ଉତ୍ତରପ୍ରଦେଶରେ ଦଳର ମୁଖ୍ୟ ପ୍ରଭାରୀ ଥିଲେ। ସେଠାରେ ଦଳ ଗତ ନିର୍ବାଚନ ତୁଳନାରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ ପଛରେ ପ୍ରଭାରୀଙ୍କ ଭୂମିକା ଥିବା ପଦ୍ମ ଦଳର ଶୀର୍ଷ ନେତାମାନେ ମନେ କରୁଛନ୍ତି। ଠିକ୍ ସେମିତି ମାହାଙ୍ଗା ଓ ପାଟକୁରାରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟକୁ ଦଳର ରାଜ୍ୟ ଓ ଜାତୀୟ ନେତୃତ୍ୱ ବି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯେଉଁ ପ୍ରାର୍ଥୀଙ୍କୁ ବୈଜୟନ୍ତ ମାହାଙ୍ଗାରେ ପ୍ରାର୍ଥୀ କରିବାକୁ ଅଡ଼ି ବସିଥିଲେ ତାଙ୍କୁ ତୃତୀୟସ୍ଥାନକୁ ଠେଲି ଦଳର ବିଦ୍ରୋହୀ ପ୍ରାର୍ଥୀ ବୁଲୁ ପ୍ରଧାନ ସ୍ୱାଧୀନ ନିର୍ବାଚିତ ହୋଇଛନ୍ତି। ଅନୁରୂପ ଭାବରେ ପାଟକୁରାରେ ଦଳୀୟ ପ୍ରାର୍ଥୀଙ୍କୁ କୁଆଡ଼େ ବୈଜୟନ୍ତ ଉପଯୁକ୍ତ ସହଯୋଗ ଦେଇ ନ ଥିବା ଆଭ୍ୟନ୍ତରୀଣ ରିପୋର୍ଟ ଦିଲ୍ଲୀରେ ପହଞ୍ଚିଛି। ସେଇଥିପାଇଁ ପରା କୁହାଯାଇଛି- ଯେ ପାଞ୍ଚେ ପର ମନ୍ଦ, ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।